THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ



ସଫଳତା କେବଳ ଗୋଟିଏ–ନିଜସ୍ୱ ମାର୍ଗରେ ତୁମ ଜୀବନକୁ ବିତାଇବାରେ ସମର୍ଥ ହେବ ।
–ଖ୍ରୀଷ୍ଟୋଫର ମୋର୍‌ଲି

♦ବର୍ଷ–୨ ♦ସଂଖ୍ୟା–୧୧ ♦ବରଗଡ଼ ♦ ୨୦–୨୬ ଜାନୁଆରୀ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 11♦BARGARH ♦ 20-26 JANUARY 2023 ♦RS.5/- ♦PAGE-8

ବିମାନ ଯାତ୍ରା ପାଇଁ ନେପାଳ ସାଜୁଛି କାଳ
ପୃଷ୍ଠା–୩➔



ଓସ୍କାର୍‌ରେ ଝଲସୁଛି ଭାରତୀୟ ସିନେମା
ପୃଷ୍ଠା–୫➔



ମଞ୍ଚରେ ନାଚିଲେ ସୁବର୍ଣ୍ଣପୁର ଜିଲ୍ଲାପାଳ
ପୃଷ୍ଠା–୬➔



ବିଚିତ୍ର ପାଠ୍ୟକ୍ରମ
ପୃଷ୍ଠା–୮➔



# ଆବାସ ହିତାଧିକାରୀ ଚୟନରେ ତ୍ରୁଟି

## ଗାଁ ଗାଁରେ ଗଣ୍ଡଗୋଳିଆ ସ୍ଥିତି
## ଯୋଗ୍ୟଙ୍କୁ ବାଦ୍, ଅଯୋଗ୍ୟଙ୍କୁ ସାମିଲ



ତାଲିକାରୁ ବାଦ୍ ପଡ଼ିଥିବା ବାଲେଶ୍ୱର ଜିଲ୍ଲାର ଜଣେ ଯୋଗ୍ୟ ହିତାଧିକାରୀ

ଭୁବନେଶ୍ୱର: କେନ୍ଦ୍ର ସରକାରଙ୍କ ଘୋଷଣା ପରେ ଓଡ଼ିଶାରେ ୮ ଲକ୍ଷ ୧୭ ହଜାର ହିତାଧିକାରୀଙ୍କୁ ପିଏମ୍ ଆବାସ ଯୋଜନାରେ ଘର ମିଳିବ । ଏଥିଲାଗି ସୋମବାର ରାଜ୍ୟର ସମସ୍ତ ବ୍ଲକ୍ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି । ତେବେ ପ୍ରକାଶିତ ତାଲିକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ହିତାଧିକାରଙ୍କ ସମ୍ଭାବ୍ୟ ତାଲିକା ଲାଗିବା ପରେ ପଦାକୁ ଆସୁଛି ଚୟନ ପ୍ରକ୍ରିୟାରେ ହୋଇଥିବା ବ୍ୟାପକ ଗଡ଼ବଡ଼ କଥାଛ ଅଯୋଗ୍ୟ ହିତାଧିକାରୀଙ୍କ ନାଁ ଲିଷ୍ଟରେ ଥିବାରୁ ବଢୁଛି ବିବାଦ । କେଉଁଠି ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତିଙ୍କ ନାଁ ଥିବା ବେଳେ ଆଉ କେଉଁଠି ସରକାରୀ ଚାକିରିଆଙ୍କ ପତ୍ନୀଙ୍କ ନାଁ ବି ଚିଠା ତାଲିକାରେ ସ୍ଥାନ ପାଇଛି । ସେପଟେ ୨୦୧୮–୧୯ ପ୍ରୋଭିଜନାଲ୍ ୱେଟିଂ ଲିଷ୍ଟରେ ଥିବା ହିତାଧିକାରୀଙ୍କ ନାଁ ଏବେକାର ଚିଠା ତାଲିକାରେ ନାହିଁ । ଯାହାକୁ ନେଇ ଏବେ ଗୋଳମାଳିଆ ସ୍ଥିତି ଉପୁଜିଥିବା ବେଳେ ଯୋଗ୍ୟ ଲୋକଙ୍କୁ ଘର ନ ମିଳିଲେ ନବୀନ ନିବାସ ଘେରାଉ ହେବ ବୋଲି ଚେତାବନୀ ଦେଇଛି ବିଜେପି ।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ମେଣ୍ଟପୁର ପଞ୍ଚାୟତ ପିଏମ୍ ଆବାସ ତାଲିକାରେ ଚଞ୍ଚକତା ଅଭିଯୋଗ ଆଣି ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀଙ୍କୁ ଅଫିସ୍ ଭିତରେ ତାଲା ପକାଇ ଦେଇଥିଲେ ଆଶାୟୀ ହିତାଧିକାରୀ । ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ସେହିପରି ବାଲେଶ୍ୱର ବାହାନାଗା ବ୍ଲକ୍ ଖରସାହାପୁର ଗାଁରେ ଯୋଗ୍ୟ ଲୋକଙ୍କୁ ଘର ମିଳୁନଥିବା ଅଭିଯୋଗ ହୋଇଛି । ସେହିପରି ବାଲେଶ୍ୱର ସଦର ବ୍ଲକ୍ ଓଡଙ୍ଗି ପଞ୍ଚାୟତରେ ଲାଗିଥିବା ହିତାଧିକାରୀ ଲିଷ୍ଟରେ ଦେଖାଦେଇଛି କେଁ । ଗୋଟିଏ ପରିବାରର ଦୁଇ ଜଣଙ୍କ ନାଁ ରହିଛି ତାଲିକାରେଛ ଲିଷ୍ଟେ ନାବାଳକଙ୍କ ନାଁ ଥିବା ବି ଅଭିଯୋଗ ହୋଇଛି । ସମାନ ଅଭିଯୋଗ ଆସିଛି କୋରାପୁଟ ନାରାୟଣପାଟଣା ବ୍ଲକର ବିଭିନ୍ନ ପଞ୍ଚାୟତରୁ । ଏପଟେ ଘର ପାଇବା ପାଇଁ ୨୦୧୮–୧୯ର ୱେଟିଂ ଲିଷ୍ଟରେ ଥିବା ଚିଲିକା ବ୍ଲକ୍ ଚଣ୍ଡେଶ୍ୱର ପଞ୍ଚାୟତ କୃଷ୍ଣପୁରର ଦୁଃଖୀ ରାଉତ, ସାନି ତାଲିକା ଦେଖି ଦୁଃଖୀ ହୋଇଛନ୍ତି । କାରଣ ସେଥିରେ ତାଙ୍କ ନାଁ କଟି ଯାଇଛି । ସେପଟେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ଆଇତିପୁର ପଞ୍ଚାୟତରେ ଚିଠା ତାଲିକା ଲାଗିବା ପରେ ସୃଷ୍ଟି ହୋଇଛି ଟେନ୍‌ସନ୍ । ତାଲିକା ପ୍ରସ୍ତୁତିରେ ଅନିୟମିତତା ଥିବା ଅଭିଯୋଗ କରି ପଞ୍ଚାୟତ ଅଫିସ୍‌ରେ ତାଲା ପକାଇଛନ୍ତି ସ୍ଥାନୀୟ ଲୋକ । ସେହିପରି ବିପଦସଙ୍କୁଳ ଘରେ ରହୁଥିବା ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅନ୍ତର୍ଗତ ଚିଲିକା ବ୍ଲକ ଚଣ୍ଡେଶ୍‌ର ପଞ୍ଚାୟତ କୃଷ୍ଣପୁର ଗାଁ'ର ଦୁଃଖୀ ରାଉତ ଓ ଦାରୁ ଗାଁ'ର ଟିକିନା ଦେଇ ପୁଣି ଥରେ ଆବାସ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ➔ପୃଷ୍ଠା–୭

## ସମ୍ପାଦକୀୟ

ଠିକ୍ କଲେ ଭୁଲ ହେବ

# ସିଜରିଆନ୍ ଡେଲିଭରିରେ ଓଡ଼ିଶା ପ୍ରଥମ

ଭୁବନେଶ୍ୱର: ସୁସ୍ଥ ପିଲାଟିଏ ଜନ୍ମ ପାଇଁ ଗର୍ଭଧାରଣ ପରଠାରୁ ମାଆଠୁ ପରିବାରବର୍ଗ ସଭିଏଁ ହୋଇପଡନ୍ତି ଦାୟିତ୍ୱବୋଧ । ଗର୍ଭବତୀ ମହିଳାଙ୍କ ବିପଦଶୂନ୍ୟ ପ୍ରସବ ପାଇଁ କେବଳ ପରିବାର କାହିଁକି, ସରକାରୀସ୍ତରରେ ମଧ୍ୟ ପ୍ରଣୟନ ହୋଇଛି ବିଭିନ୍ନ ହିତକର ଯୋଜନା । ବିଶେଷ କିପରି ସୁସ୍ଥ ପିଲାଟିଏ ଜନ୍ମ ହେବ ଏବଂ ମା'ର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ତା' ଉପରେ ଦିଆଯାଏ ଅଧିକ ଗୁରୁତ୍ୱ ମାତ୍ର ଏତେସବୁ ଯୋଜନା ଓ ସତର୍କତା ସତ୍ତ୍ୱେ ଆମ ରାଜ୍ୟ ଓଡିଶାରେ ପ୍ରସବକାଳୀନ ବିପଦକୁ ନେଇ ଯେଉଁ ତଥ୍ୟ ଆସିଛି ତାହା ଉଦ୍‌ବେଗଜନକ । କାରଣ ସମଗ୍ର ଦେଶରେ ସର୍ବାଧିକ ସିଜରିଆନ୍ ଡେଲିଭରି ହେଉଛି ଆମ ରାଜ୍ୟ ଓଡିଶାରେ ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟ ପରିଚାଳନା ସୂଚନା



## ୩ ବର୍ଷରେ ବୃଦ୍ଧି ପାଇଛି ୧୦%

ସିଷ୍ଟମ୍(ହେଲଥ୍ ମ୍ୟାନେଜମେଣ୍ଟ ଇନଫରମେସନ୍ ସିଷ୍ଟମ୍)ର ସଦ୍ୟତମ ରିପୋର୍ଟ ଅନୁସାରେ ୨୦୨୦ ରୁ ୨୦୨୨ ମଧ୍ୟରେ ସିଜରିଆନ୍ ଡେଲିଭରି ହାର ୧୦ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଦେଶର ପ୍ରଥମ ରାଜ୍ୟ ଭାବରେ ଏହି ତାଲିକାରେ ରହିଛି ଓଡିଶା । କହି ରଖୁଛୁ ଯେ, ଦୁଇ ପ୍ରକାରର ପ୍ରସବ ନର୍ମାଲ୍ ଓ ସିଜରିଆର୍ ମଧ୍ୟରେ ମାଆର ସ୍ୱାସ୍ଥ୍ୟ ପାଇଁ ନର୍ମାଲ୍ ଡେଲିଭଲି ଉତ୍ତମ ବୋଲି ବିବେଚନା କରାଯାଏ । ମାତ୍ର ଆମ ରାଜ୍ୟରେ ବର୍ତ୍ତମାନ ଏହାର ସ୍ଥିତି ସଙ୍ଗୀନ ହେବାରେ ଲାଗିଛି । ରାଜ୍ୟର ଉଭୟ ବେସରକାରୀ ତଥା ସରକାରୀ ଡାକ୍ତରଖାନାରେ ସିଜରିଆନ୍ ଡେଲିଭରି(ସି–ସେକ୍ସନ୍) ପ୍ରସବ ବଢିବାରେ ଲାଗିଛି । ଘରୋଇ ଡାକ୍ତରଖାନାଗୁଡ଼ିକରେ ସି–ସେକ୍ସନ୍ ସର୍ଜରୀର ଅଭିବୃଦ୍ଧି ହାର ଗତ ଏକ ବର୍ଷ ମଧ୍ୟରେ ସବୁଠୁ ଅଧିକ ରହିଛି ।

ବେସରକାରୀ ଡାକ୍ତରଖାନାଗୁଡ଼ିକରେ ସିଜରିଆନ୍ ଡେଲିଭରି ୬୪.୬୭ ପ୍ରତିଶତରୁ ୭୪.୬୨ ପ୍ରତିଶତକୁ ବୃଦ୍ଧି ପାଇଥିବାବେଳେ ସରକାରୀ ସ୍ୱାସ୍ଥ୍ୟ ➔ପୃଷ୍ଠା–୭

# ଚିକ୍କଣିଆ ସେଓ ନାଁରେ ମିଳୁଛି ବିଷ !

ଭୁବନେଶ୍ୱର : ଫଳକୁ ସତେଜ ରଖିବା ପାଇଁ ବ୍ୟବହାର ହେଉଥିବା ମହମ ପ୍ରଲେପ ଖାଉଟିଙ୍କ ସମସ୍ୟା ବଢ଼ାଇଛି । ରାଜଧାନୀରେ ବିକ୍ରି ହେଉଥିବା ଅଧିକାଂଶ ସେଓ ଉପରେ କରାଯାଉଥିବା ମହମ କୋଟିଂ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରୁଥିବା ଆଶଙ୍କା ବଢୁଛି । ସାଧାରଣତଃ ଫଳକୁ ଅଧିକ ଦିନ ସତେଜ ରଖିବା ପାଇଁ ଜୈବକ ମହମର କୋଟିଂ କରାଯାଇଥାଏ । ମାତ୍ର ଏହାର ବିକଳ୍ପ ଭାବେ ପେଟ୍ରୋଲିୟମ୍ ଓ ରାସାୟନିକ ମହମ ପ୍ରଲେପ ମାତ୍ରାଧିକ ବ୍ୟବହାର ଚିନ୍ତା ବଢ଼ାଇଛି । ଏଭଳି ବିଶାକ୍ତଖାଦ୍ୟ ସେବନ କରିବା ଦ୍ୱାରା ଲୋକଙ୍କଠାରେ ଦେଖାଦେଉଛି ପାଚନଜନିତ ସମସ୍ୟା ।

'ଆନ୍ ଆପେଲ୍ ଏ ଡେ କିପ୍ସ ଦ ଡକ୍ଟର ଆୱେ' ଭଳି ଉକ୍ତି ଭୁଲ ପ୍ରମାଣିତ ହେବାକୁ ଯାଉଛି । ରାଜଧାନୀରେ ମିଳୁଥିବା ସେଓକୁ ଏବେ ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ ରୂପେ ସ୍ୱାସ୍ଥ୍ୟକର ବୋଲି କୁହାଯାଇପାରିବ ନାହିଁ । ଅଧିକାଂଶ ଦୋକାନରେ ମିଳୁଥିବା ଚିକ୍କଣ ସେଓ ଉପରେ ଦେଖିବାକୁ ମିଳୁଛି ରାସାୟନିକ ପଦାର୍ଥରେ ପ୍ରସ୍ତୁତ ମହମର ପ୍ରଲେପ । ଖାଉଟିମାନେ ଚିକ୍କଣିଆ ସେଓକୁ ଭଲ ମାନର ବୋଲି ମନେ



କରି ଖରିଦ କରି ଆଣୁଥିଲେ ମଧ୍ୟ ତାହାର ଗୁଣବତ୍ତା ସ୍ୱାସ୍ଥ୍ୟ ପାଇଁ ହାନୀକାରକ ହୋଇଥିବା କୁହାଯାଉଛି । ମୁଖ୍ୟତଃ ହିମାଚଳ, ଜମ୍ମୁ ଓ କଶ୍ମୀର, ଉତ୍ତରାଖଣ୍ଡ ଓ ଅରୁଣାଚଳ ପ୍ରଦେଶ ଭଳି ରାଜ୍ୟରୁ ଓଡ଼ିଶାକୁ ସେଓ ଆମଦାନୀ ହେଉଥିବା ବେଳେ ତାହାକୁ ଅଧିକ ଦିନ ଧରି ସତେଜ କରି ରଖିବା ପାଇଁ ଫୁଡ୍ ପ୍ରୋସେସିଂ ୟୁନଟ୍‌ଗୁଡ଼ିକ ଜୈବକ ମହମ ବଦଳରେ ରାସାୟନିକ ମହମର ବ୍ୟବହାର କରୁଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ଗାଇଡଲାଇନ୍ ଅନୁଯାୟୀ, ଫଳକୁ ସତେଜ ରଖିବା ପାଇଁ ପ୍ରୋସେସିଂ ୟୁନିଟ୍‌ଗୁଡ଼ିକ ମହୁ ଓ ଖାଦ୍ୟ ଉପଯୋଗୀ ତେଲରୁ ପ୍ରସ୍ତୁତ ମହମକୁ ବ୍ୟବହାର କରିପାରିବେ ।

ଏପରିକି ଏହି ଉତ୍ପାଦରୁ ପ୍ରସ୍ତୁତ ହଳଦିଆ ଓ ଧଳା ରଙ୍ଗର ମହମକୁ ହିଁ ଫଳ ଉପରେ ଏକ ପତଳା ପ୍ରଲେପ ଭାବେ ବ୍ୟବହାର କରାଯାଇପାରିବ । ଏହି ପ୍ରଲେପ ପଡ଼ିବା ଦ୍ୱାରା ଫଳ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ସତେଜ ରହିବ । ମାତ୍ର ଓଡ଼ିଶାକୁ ଆସୁଥିବା ସେଓ ଆବଶ୍ୟକତାଠାରୁ ଅଧିକ ଚିକ୍କଣ ଦେଖାଯାଉଛି । ପେଟ୍ରୋଲିୟମ୍‌ଜାତ ଦ୍ରବ୍ୟରୁ ପ୍ରସ୍ତୁତ ମହମର ମାତ୍ରାଧିକ ବ୍ୟବହାର ହେତୁ ଏଭଳି ହେଉଥିବା ଜନୈକ ଫରେନ୍ସିକ୍ ଏକ୍ସପର୍ଟ କହିଛନ୍ତି । ଏକ୍ସପର୍ଟଙ୍କ କହିବା ଅନୁଯାୟୀ, ଫଳ ଉପରେ ଜୈବିକ ମହମ ବ୍ୟବହାର ହେଲେ ଫଳ ଏତେଟା ଚିକ୍କଣ ଦେଖାଯିବ ନାହିଁ । ରାଜଧାନୀର ବିଭିନ୍ନ ସ୍ଥାନରୁ ଏଭଳି ବିଷାକ୍ତ ଫଳର ନମୁନା ➔ପୃଷ୍ଠା–୭

THE AADHAR ODISHA
ଆଧାର ଓଡ଼ିଶା
୨୦-୨୬ ଜାନୁଆରୀ ୨୦୨୩



# ଠିକ୍ କଲେ ଭୁଲ ହେବ

ଉଚ୍ଚ ନ୍ୟାୟପାଳିକାରେ ବିଚାରପତି ନିଯୁକ୍ତି ପ୍ରକ୍ରିୟାକୁ ନେଇ ସଂଘ ସରକାର ଓ ନ୍ୟାୟପାଳିକା ମଧ୍ୟରେ ଗତ କିଛି ମାସ ହେଲା ଯେଉଁ ତର୍କବିତର୍କ ଓ କଥା କଟାକଟି ଚାଲିଛି ତାହା ଏବେ ଭିନ୍ନ ମୋଡ ନେଇଛି। ମେମୋରାଣ୍ଡମ୍ ଅଫ୍ ପ୍ରସିଡ୍ୟୁରରେ ପରିବର୍ତ୍ତନ ଆଣି ନିଯୁକ୍ତି ପ୍ରକ୍ରିୟାରେ ସରକାରୀ ପ୍ରତିନିଧିଙ୍କୁ ସାମିଲ କରିବା ଲାଗି କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ ପ୍ରସ୍ତାବ ରଖିଛନ୍ତି।

ଭାରତର ନ୍ୟାୟପାଳିକାକୁ ଏବେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ କୁହାଯାଉଛି। ଏଇଥିପାଇଁ ନୁହେଁ ଯେ ଏ ଦେଶର ନ୍ୟାୟ ବ୍ୟବସ୍ଥା ଯାହା ଚାହୁଁଛି ତାହା କରିପାରୁଛି କିମ୍ୱା ସଚ୍ଚୋଟତା ଭରା ଜନାଭିମୁଖୀ ନ୍ୟାୟ ଦେଇ ସାଧାରଣ ଜନତାଙ୍କ ପୂର୍ଣ୍ଣ ଆସ୍ଥାଭାଜନ ହୋଇପାରିଛି । ଏହା ଶକ୍ତିଶାଳୀ ଏଇଥିପାଇଁ ଯେ ପାଞ୍ଚ ତିନି ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ତିଆରି ଗୋଷ୍ଠୀ, ଯାହାକୁ ଇଂଲିଶ୍‌ରେ କଲେଜିୟମ କୁହାଯାଏ, ସେମାନେ ହିଁ ସେମାନଙ୍କ ଉତ୍ତରାଧିକାରୀ ବା ନୂଆ ବିଚାରପତିଙ୍କୁ ଚୟନ କରୁଛନ୍ତି । କଉତୁକିଆ କଥା ଯେ ଏମାନେ କାହାକୁ କାହିଁକି କେଉଁ ଯୋଗ୍ୟତା ଭିତ୍ତିରେ ଚୟନ କରୁଛନ୍ତି, ତାହା ଟିକସଦାତା ଦେଶବାସୀ ଜାଣିପାରୁନାହାନ୍ତି । କଲେଜିୟମ ଯାହା ନାମ ସୁପାରିସ କଲେ ତାହାକୁ ଥରେ ମାତ୍ର ସରକାର କୌଣସି କାରଣ ଦର୍ଶାଇ ଫେରାଇ ପାରିବେ। କିନ୍ତୁ ସେହି ନାମକୁ ପୁନର୍ବାର ପଠାଗଲେ ସରକାର ଚାହିଁଲେ ବିଳମ୍ୱ ସିନା କରିପାରିବେ, ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ। ଏହି ନିଯୁକ୍ତି ପ୍ରକ୍ରିୟାଟି ଉଇଲନାମା ବା ଇଚ୍ଛାପତ୍ର ଜରିଆରେ ବ୍ୟକ୍ତିଗତ ସମ୍ପତ୍ତି ହସ୍ତାନ୍ତର ଠାରୁ ବିଶେଷ ଭିନ୍ନ ନୁହେଁ ।

ଅବଶ୍ୟ ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ଯେ ଯେ କୌଣସି ଗଣତାନ୍ତ୍ରିକ ଦେଶରେ ନ୍ୟାୟପାଳିକା ସ୍ୱତନ୍ତ୍ର ରହିବା ଅତ୍ୟନ୍ତ ଜରୁରୀ। ଭାରତବର୍ଷରେ ଗତ ଶତାବ୍ଦୀର ସତୁରୀ ଦଶକରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଜରୁରୀ ପରିସ୍ଥିତି ଜାରି କରିଥିବା ସମୟରେ ହାତଗଣତି ଦୁଇ ତିନି ଜଣ ବିଚାରପତିଙ୍କୁ ବାଦ୍ ଦେଲେ ପ୍ରାୟ ସମଗ୍ର ନ୍ୟାୟବ୍ୟବସ୍ଥା ସରକାରଙ୍କ ଇଚ୍ଛା ସାମ୍ନାରେ ଆଣ୍ଠେଇ ପଡିଥିବାର ନଜରକୁ ଆସିଥିଲା। ସମସ୍ତେ କହନ୍ତି ଜରୁରୀ ପରିସ୍ଥିତି ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ ଅଲିଭା କଳଙ୍କ କିନ୍ତୁ ନ୍ୟାୟ ବ୍ୟବସ୍ଥା ବି ଯେ ଏହି କଳଙ୍କର ମୁକ୍ତ ନ ଥିଲା ତାହା କ୍ୱଚିତ୍ କେହି ଦର୍ଶାଇଥାନ୍ତି। ଉଚ୍ଚ ନ୍ୟାୟପାଳିକାରେ କାର୍ଯ୍ୟରତ ଅନେକ ମାନ୍ୟବର ବିଚାରପତିଙ୍କ ମୁଖ୍ୟ ବିଚାରପତି ବା ପ୍ରଧାନ ବିଚାରପତି ହେବାର ଲାଳସା ସେମାନଙ୍କୁ ସରକାରଙ୍କୁ ସୁହାଇଲା ରକମ ରାୟ ଦେବା ପାଇଁ ପ୍ରେରିତ କରିଥିଲା। ନ୍ୟାୟପାଳିକା ଦେହରୁ ଜରୁରୀ ପରିସ୍ଥିତି ସମୟର କଳଙ୍କ ପୋଛିବା ପ୍ରୟାସରେ ପ୍ରାୟ ଦେଢ ଦଶନ୍ଧି ପରେ ସୁପ୍ରିମକୋର୍ଟ ଏକ ରାୟ ମାଧ୍ୟମରେ ବିଚାରପତିଙ୍କ ଚୟନ, ବଦଳି ଓ ପଦୋନ୍ନତି କ୍ଷମତା କଲେଜିୟମ ହାତରେ ଅର୍ପଣ କରିଥିଲେ। ଜରୁରୀ ପରିସ୍ଥିତି ବେଳେ ସରକାରୀ ଗୁଣ୍ଡାଗିରିକୁ ଅଙ୍ଗେ ଅଙ୍ଗେ ନିଭାଇ ଥିବା ଦେଶବାସୀ ସେତେବେଳେ ଏହି ରାୟକୁ ଖୋଲା ହୃଦୟରେ ସ୍ୱାଗତ କରିଥିଲେ। କାରଣ ସେମାନେ ବୁଝି ଥିଲେ ଯେ ଗଣତନ୍ତ୍ରର ତିନିଟି ଅଙ୍ଗ ସ୍ୱତନ୍ତ୍ର ରହିବାର ଔଚିତ୍ୟତା ସତ୍ତ୍ୱେ କାର୍ଯ୍ୟନିବାହୀ ଅଙ୍ଗର ପ୍ରମୁଖ ଅଂଶ କୁହାଯାଉଥିବା ଅମଲାତନ୍ତ୍ର କଦାଚିତ୍ ସ୍ୱାଧୀନ ଭାବେ କାର୍ଯ୍ୟ କରି ପାରିବ ନାହିଁ। ତେଣୁ ନ୍ୟାୟପାଳିକା ନିଜକୁ ଯଦି ସରକାରୀ ପ୍ରଭାବରୁ ମୁକ୍ତ ରଖି ସ୍ୱାଧୀନ ରହିପାରିଲା ତାହା ସାଧାରଣ ଜନତାଙ୍କ କବଚ ଭାବେ କାର୍ଯ୍ୟ କରି ପାରିବ।

ଏବେ କିନ୍ତୁ ଚିତ୍ର ବଦଳି ଯାଇଛି। ସ୍ୱାଧୀନତା ମୂଲ୍ୟହୀନ ଅପାତ୍ରିକ ହୋଇଯାଏ ଯେତେବେଳେ ତାହାର ଅପବ୍ୟବହାର ହୁଏ ଏବଂ ତାହାକୁ ଫର୍ ଗ୍ରାଣ୍ଟେଡ୍ ବୋଲି ଧରି ନିଆଯାଏ। ଇଂଲିଶ୍‌ରେ କୁହାଯାଏ ସିଜରସ୍ ୱାଇଫ୍ ଶୁଡ୍ ବି ଆବୋଭ୍ ସସ୍ପିଶିଅନ୍। ଅର୍ଥାତ୍ କେବଳ ପଦବୀରେ ବସିଥିବା ବ୍ୟକ୍ତି ନୁହନ୍ତି, ସେମାନଙ୍କ ସ୍ତ୍ରୀ ପିଲାପିଚିକା ଓ ବନ୍ଧୁବାନ୍ଧବ ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ରହିବା ଦରକାର। ଉଚ୍ଚ ନ୍ୟାୟପାଳିକାର ଯେଉଁ ହାତଗଣତି କିଛି ବ୍ୟକ୍ତି ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ଅନୁମୋଦିତ ଆଇନକୁ ବି ଓଲଟାଇ ଦେବାର କ୍ଷମତା ରଖୁଛନ୍ତି ସେମାନଙ୍କ ଅତୀତର କାର୍ଯ୍ୟକଳାପ, ବ୍ୟକ୍ତିଗତ ଗୁଣ ଅବଗୁଣ ସାଧାରଣ ଜନତା ଅବଗତ ହେବା ସହ ସେମାନଙ୍କ କାର୍ଯ୍ୟଦକ୍ଷତା ଏବଂ ସର୍ବୋପରି ନିରପେକ୍ଷତା ଓ ସାଧୁତା ପ୍ରତି ଦିନ କଷଟି ପଥରରେ ପରଖି ହେବା ଚାହି। ଧର୍ମାବତାର ଚୌକିରେ ବସୁଥିବା ମଣିଷମାନେ ଯମ ବା ଧର୍ମଦେବତାଙ୍କ ଅବତାର ନୁହନ୍ତି । ତେଣୁ ସେମାନଙ୍କ ଗୋଡ ଯେ କୌଣସି ମୂହୁର୍ତ୍ତରେ ପଙ୍କକାଦୁଅ ଲଟପଟ ନ ହେବ କିଏ କହିବ। ଆବସ୍‌ଲ୍ୟୁଟ୍ ପାୱର କରପ୍‌ଟସ୍। ଅର୍ଥାତ୍ ନିରଙ୍କୁଶ କ୍ଷମତା ଦୁର୍ନୀତି ଅନାଚାରକୁ ଡାକି ଆଣେ। ଉଚ୍ଚ ନ୍ୟାୟପାଳିକାରେ ଦୁର୍ନୀତି କେତେ କାୟା ବିସ୍ତାର କରିଛି ତାହାକୁ ଥରେ ଅଧେ ଏକାଧିକ ପୁରୁଖା ଓକିଲ ଦର୍ଶାଇଛନ୍ତି ଓ ତାଲିକା ବି ଦେଇ ପାରିବେ ବୋଲି ଦାବି କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ନିଜକୁ ସନ୍ଦେହ ଓ ଅଭିଯୋଗମୁକ୍ତ କରିବା ଲାଗି ବ୍ୟକ୍ତିଗତ ଭାବେ କୌଣସି ବିଚାରପତି ବା ସାମଗ୍ରିକ ଭାବେ ସର୍ବୋଚ୍ଚ ଅଦାଲତ ସେହି ଅଭିଯୋଗକାରୀ ଓକିଲମାନଙ୍କୁ ଅଭିଯୋଗ ପ୍ରମାଣ କର ବୋଲି ଆହ୍ୱାନ ଦେଇନାହାନ୍ତି।

ଏଭଳି ସ୍ଥଳେ ବିଚାରପତି ନିଯୁକ୍ତି, ବଦଳି ଓ ପଦୋନ୍ନତିର କାୟାକଳ୍ପ ସାଧାରଣ ଜନତାଙ୍କୁ ଗୋଚର ହେବାର ପ୍ରୟୋଜନ ରହିଛି। କଲେଜିୟମ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯିବା ସମୟର ଦାବି ଏବଂ ଏହା ଠିକ୍ ମଧ୍ୟ। କିନ୍ତୁ ନିଯୁକ୍ତି ପ୍ରକ୍ରିୟାରେ କଲେଜିୟମ ସହ ସରକାରୀ ପ୍ରତିନିଧିଙ୍କ ଭୂମିକା ରଖିବା ସକାଶେ ଆଇନମନ୍ତ୍ରୀ ରିଜିଜୁଙ୍କ ପ୍ରସ୍ତାବ ରୋଗଠାରୁ ଔଷଧ ବଳି ପଡିବା ପରି କା ହେବ। ଏ ଦେଶରେ ସବୁଠାରୁ ବଡ ମାମଲାଖୋର ହେଉଛନ୍ତି ସରକାର। ଏବେ ତ ନିଯୁକ୍ତି ପ୍ରକ୍ରିୟାରେ ସରକାରଙ୍କ କୌଣସି ଭୂମିକା ନ ଥିଲେ ଅବସର ବର୍ତ୍ତୀ ନିଯୁକ୍ତି ଯେପରି କି ଗ୍ରୀନ ଟ୍ରିବ୍ୟୁନାଲ, ମାନବାଧିକାର କମିଶନ ଆଦିର ଅଧ୍ୟକ୍ଷ ପଦ, ରାଜ୍ୟପାଳ ପଦବୀ, ରାଜ୍ୟସଭାରେ ମନୋନୀତ ସଦସ୍ୟତାକୁ ସରକାର ଗାଜର ଭଳି ଝୁଲାଇ ରଖିଛନ୍ତି। ତେଣୁ ପରିବର୍ତ୍ତନ ଠିକ୍ ହେବା ସତ୍ତ୍ୱେ ସରକାରୀ ହାତ ଠିକ୍‌ଟିକୁ ଭୁଲ୍‌ରେ ପରିଣତ କରିଦେବ। କୌଣସି ବ୍ୟବସ୍ଥା ସ୍ୱୟଂସମ୍ପୂର୍ଣ୍ଣ ବା ଦୋଷମୁକ୍ତ ହୋଇ ନ ପାରେ। କେଉଁଟି କମ୍ ଦୋଷଯୁକ୍ତ କିମ୍ୱା ଅପେକ୍ଷାକୃତ ଭଲ ତାହାକୁ ଆପଣେଇ ନେବାକୁ ହେବ। ସରକାରୀ ପ୍ରତିନିଧିଙ୍କ ପରିବର୍ତ୍ତେ ନିଯୁକ୍ତି ବ୍ୟବସ୍ଥାରେ ନାଗରିକ ସମାଜର ପ୍ରତିନିଧିତ୍ୱ ଦିଆଗଲେ ହୁଏତ ଲୁହା ପରଦାର କଲେଜିୟମ କାଚ ପରଦାକୁ ବଦଳି ଯାଇପାରେ।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା ଠିକଣା**

ଇମେଲ୍- aadharodisha8@gmail.com
ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ଶାନ୍ତି ଦୂତ ଲାଲ୍ ବାହାଦୁର ଶାସ୍ତ୍ରୀ



ସ୍ୱାଧୀନ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ ଲାଲ୍ ବାହାଦୁର ଶାସ୍ତ୍ରୀ । 'ଜୟ ଯବାନ, ଜୟ କିଷାନ' ସ୍ଲୋଗାନ ଦେଇ ସେ ଦେଶକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ଶାସ୍ତ୍ରିଜୀ ବାହାରୁ ଦେଖିବାକୁ ଯେମିତି ସାଧାରଣ ଦେଖାଯାଉଥିଲେ, ସେମିତି ମନରୁ ଶାନ୍ତ ଓ ନିର୍ମଳ ସ୍ୱଭାବର ଥିଲେ । ଲାଲ୍ ବାହାଦୁର, ଉତ୍ତରପ୍ରଦେଶର ବାରାଣସୀ ନିକଟ ରାମନଗରଠାରେ ୧୯୦୪ ମସିହା ଅକ୍ଟୋବର ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ଗାନ୍ଧିଜୀଙ୍କ ଜାତୀୟତା ପ୍ରେମରେ ସେ ଅନୁପ୍ରାଣିତ ହୋଇଥିଲେ । ପରିବାରରେ ସେ ସବୁଠୁ ସାନ ଥିବାରୁ ତାଙ୍କୁ ସମସ୍ତେ ସ୍ନେହରେ 'ନନ୍ହେ' ବୋଲି ଡାକୁଥିଲେ ।

ମହାତ୍ମା ଗାନ୍ଧୀ ଯେତେବେଳେ ଅସହଯୋଗ ଆନ୍ଦୋଳନ ଡାକରା ଦେଲେ, ସେତେବେଳେ ଲାଲ୍ ବାହାଦୁରଙ୍କୁ ମାତ୍ର ଷୋହଳ ବର୍ଷ ହୋଇଥାଏ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ପାଠପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲେ । ଲାଲ୍ ବାହାଦୁର ବାରାଣସୀ ସ୍ଥିତ କାଶୀ ବିଦ୍ୟାପୀଠରେ ପରେ ଯୋଗ ଦେଇଥିଲେ । କାଶୀ ବିଦ୍ୟାପୀଠ ଦେଶରେ ବ୍ରିଟିଶ ଶାସନକୁ ବିରୋଧ କରି ସ୍ଥାପିତ ହୋଇଥିବା ଜାତୀୟ ଅନୁଷ୍ଠାନମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ଏହି ବିଦ୍ୟାପୀଠରେ ଲାଲ୍ ବାହାଦୁରଙ୍କୁ 'ଶାସ୍ତ୍ରୀ' ଡିଗ୍ରୀ ପ୍ରାପ୍ତ ହୋଇଥିଲା ଏବଂ ସେହି 'ଶାସ୍ତ୍ରୀ' ଶବ୍ଦଟି ତାଙ୍କ ନାମ ସହ ସବୁଦିନ ପାଇଁ ଯୋଡ଼ି ହୋଇଯାଇଥିଲା । ଶାସ୍ତ୍ରିଜୀ ସମସ୍ତ ଆନ୍ଦୋଳନ ଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ । ଫଳରେ ତାଙ୍କୁ ଅନେକ ଥର ଜେଲ୍ ଯିବାକୁ ପଡ଼ିଛି । ସେ 'ଅସହଯୋଗ ଆନ୍ଦୋଳନ', 'ଦାଣ୍ଡିଯାତ୍ରା' ଏବଂ 'ଭାରତ ଛାଡ଼' ଆନ୍ଦୋଳନରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

୧୯୨୭ ମସିହାରେ ସେ ଲଳିତା ଦେବୀଙ୍କୁ ବିବାହ କରିଥିଲେ । ସ୍ୱାଧୀନତା ପରେ ଯେତେବେଳେ କଂଗ୍ରେସ ଦଳ କ୍ଷମତାକୁ ଆସିଲା, ସେତେବେଳକୁ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସରଳ ଅଥଚ ଦୃଢ଼ ବ୍ୟକ୍ତିତ୍ୱ ସମସ୍ତଙ୍କ ନିକଟରେ ସୁପରିଚିତ ହୋଇସାରିଥିଲା । ସେଥିପାଇଁ ସେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ବହୁ ବଡ଼ ବଡ଼ ପଦବୀରେ ଅଧିଷ୍ଠିତ ହୋଇଥିଲେ । ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ମୃତ୍ୟୁ ପରେ ୧୯୬୪ ମସିହାରେ ଶାସ୍ତ୍ରିଜୀ ଭାରତର ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲେ । ତେବେ ଏହି ସମୟରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା । ଏତିକି ବେଳେ ଦେଶରେ ଖାଦ୍ୟ ଶସ୍ୟର ଘୋର ଅଭାବ ଦେଖାଦେଇଥିଲା । ତେଣୁ ଖାଦ୍ୟ ଶସ୍ୟ ଆମଦାନୀ କରିବା ପାଇଁ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ ହେବାକୁ ପଡ଼ିଲା । ଏଭଳି ପରିସ୍ଥିତିରେ ଶାସ୍ତ୍ରିଜୀ 'ଜୟ ଯବାନ ଜୟ କିଷାନ' ସ୍ଲୋଗାନ ଦ୍ୱାରା ଦେଶକୁ ରକ୍ଷା କରିବା ପାଇଁ ସୈନିକମାନଙ୍କୁ ଆହ୍ୱାନ ଦେବା ସହ ଭାରତର ଖାଦ୍ୟଶସ୍ୟ ଆମଦାନୀର ମାତ୍ରାକୁ କମ୍ କରିବା ନିମନ୍ତେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବା ପାଇଁ କୃଷକମାନଙ୍କୁ ଉତ୍ସାହିତ କରିବାକୁ ପ୍ରୟାସ କରିଥିଲେ । ଭାରତର ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବାର ଆବଶ୍ୟକତାକୁ ଦର୍ଶାଇ ଶାସ୍ତ୍ରିଜୀ ୧୯୬୫ରେ ଭାରତରେ ସବୁଜ ବିପ୍ଳବକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ । ବିଶେଷ କରି ତାଙ୍କ ସମୟରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଖାଦ୍ୟଶସ୍ୟ ଉତ୍ପାଦନରେ ବୃଦ୍ଧି ଘଟିଥିଲା ।

ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ ଯେ, ଦେଶର ସୁରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଉଭୟ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଶେଷରେ ରୁଷିଆର ପ୍ରଧାନମନ୍ତ୍ରୀ ଉଭୟ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ତାସ୍କେଣ୍ଟକୁ ଆମନ୍ତ୍ରଣ କଲେ । ୧୯୬୬ ମସିହା ଜାନୁଆରୀ ୧୦ ତାରିଖରେ ଲାଲ ବାହାଦୁର ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ୍ ଖାଁ ତାସ୍କେଣ୍ଟଠାରେ ମିଳିତ ହେଲେ । ତାସ୍କେଣ୍ଟ ଠାରେ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେଲା । ମାତ୍ର ଶାନ୍ତି ଦୂତ ଆଉ ସ୍ୱଦେଶ ଫେରିଲେ ନାହିଁ । ୧୯୬୬ ମସିହା ଆଜିର ଦିନରେ ଏକ ରହସ୍ୟମୟ ସ୍ଥିତିରେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା ।

# ନବ ଉତ୍କଳର ନିର୍ମାତା - ଡ଼. ହରେକୃଷ୍ଣ ମହତାବ

ଓଡ଼ିଶା ରାଜନୀତିର ଅନ୍ୟତମ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଥିଲେ ଡ. ହରେକୃଷ୍ଣ ମହତାବ । ରାଜନୀତି, ସାମ୍ବାଦିକତା ଓ ସୃଜନଶୀଳତାରେ ସେ ତାଙ୍କର ଅଲିଭା ଛାପ ଛାଡ଼ିଯାଇଛନ୍ତି । ସେ ଥିଲେ ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ । ସେ ଜନମାନସରେ 'ଉତ୍କଳ କେଶରୀ' ନାମରେ ମଧ୍ୟ ଜଣାଶୁଣା । ଦୀର୍ଘଦିନ ଧରି ରାଜନୀତିରେ ସକ୍ରିୟ ଥିବା ଏହି ଜନନାୟକ ଥିଲେ ସାଧାରଣ ଜନତାଙ୍କ ବନ୍ଧୁ । ଜଣେ ସାଧାରଣ ମଣିଷର ଦୁଃଖ , ଦୁର୍ଦ୍ଦଶା ଓ ବିବଶତାକୁ 'ସମ୍ବାଦପତ୍ରର 'ଗାଁ ମଜଲିସ୍' ସ୍ତମ୍ଭ ମାଧ୍ୟମରେ ଉପସ୍ଥାପନ କରୁଥିଲେ ।



ହରେକୃଷ୍ଣ ମହତାବ ଓଡ଼ିଶାର ଭଦ୍ରକ ଜିଲ୍ଲାର ଆଗରପଡ଼ାଠାରେ ୨୧ ନଭେମ୍ବର , ୧୮୯୯ରେ ଜନ୍ମ ନେଇଥିଲେ । ତାଙ୍କ ପିତାଙ୍କ ନାମ କୃଷ୍ଣଚରଣ ମହତାବ ଓ ମାତା ତୋହଫା ଦେବୀ । ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ ପରେ ସେ କଟକର ରେଭେନ୍ସା କଲେଜରେ ନାମ ଲେଖାଇଥିଲେ । ସେଠାରୁ ସେ ୧୯୨୧ରେ ପାଠପଢ଼ା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୨୩-୨୪ ମଧ୍ୟରେ ସେ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯାଇଥିଲେ । ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନର ନେତୃତ୍ୱ ନେଇ ଦୁଇଥର କାରାବରଣ କରିଥିଲେ । ୧୯୨୦ରୁ ୧୯୪୫ ମସିହା ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ସେ ଜାତୀୟସ୍ତରରେ ଜଣେ ଆଗଧାଡ଼ିର ନେତା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ।

୧୯୨୪ରେ ସେ ବିହାର-ଓଡ଼ିଶା ପରିଷଦର ସଦସ୍ୟ ରହିବା ସହିତ ଦୁଇ ଦୁଇଥର ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଓ ଜାତୀୟ କଂଗ୍ରେସର କାର୍ଯ୍ୟକାରିଣୀ ସଭ୍ୟ , କଂଗ୍ରେସ ସଂସଦୀୟ ବୋର୍ଡର ମହାସଚିବ ଦାୟିତ୍ୱ ତୁଲାଇଥିଲେ । ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଏବଂ ୧୯୫୫ ରୁ ୧୯୫୬ ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳ ପଦ ସମ୍ଭାଳିଥିଲେ । ତାଙ୍କ ଶାସନ ସମୟରେ କଟକରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା । ସଚିବାଳୟ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଲଳିତକଳା ଏକାଡେମୀ, ରବୀନ୍ଦ୍ର ମଣ୍ଡପ, ହୀରାକୁଦ ନଦୀବନ୍ଧ, ମାଛକୁଣ୍ଡ ଜଳଭଣ୍ଡାର ଓ ଜଳବିଦ୍ୟୁତ୍ ଯୋଜନା, କଟକର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଇତ୍ୟାଦି ତାଙ୍କ ଶାସନ କାଳରେ ସ୍ଥାପନା ହୋଇଥିଲା ।

୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ , ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଘୋଷିତ ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରି ସେ କାରାବରଣ କରିଥିଲେ ଏବଂ ୧୯୭୭ରେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେଇଥିଲେ । ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ପ୍ରତିଭା-୧୯୪୬', 'ଟାଉଟର', 'ଅବ୍ୟାପାର' , 'ତୃତୀୟପର୍ବ', ଆଦି ଅନ୍ୟତମ । ସେ ମଧ୍ୟ ରାଜ୍ୟ ସାହିତ୍ୟ ଏକାଡେମୀ ଓ ସଂଗୀତ ନାଟକ ଏକାଡେମୀର ଦୁଇଦୁଇ ଥର ସଭାପତି ନିଯୁକ୍ତ ହୋଇଥିଲେ । ୧୯୮୭ ଆଜିର ଦିନରେ ଏହି ମହାନ୍ ଜନନାୟକ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

# ବିମାନ ଯାତ୍ରା ପାଇଁ ନେପାଳ ସାଜୁଛି କାଳ



କାଠମାଣ୍ଡୁ: ନେପାଳ ବିମାନ ଦୁର୍ଘଟଣାକୁ ନେଇ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସୃଷ୍ଟି ହୋଇଛି ଏକ ଶୋକାକୁଳ ପରିବେଶ । କ୍ରୁ ମେମ୍ବରଙ୍କ ସମେତ ୭୨ ଯାତ୍ରୀ ଗୋଟିଏ ଦୁର୍ଘଟଣାରେ ଏକା ସାଙ୍ଗେ ପ୍ରାଣ ହରାଇବା କେବଳ ନେପାଳ ପାଇଁ ନୁହଁ ବିଶ୍ୱର ଅନ୍ୟ ଦେଶଗୁଡିକ ପାଇଁ ମଧ୍ୟ ଏକ ଦୁଃଖଦ ଖବର । କାରଣ ଏଥିରେ ଆମ ଦେଶର ୫ ନାଗରିକଙ୍କ ସମେତ ଅନ୍ୟାନ୍ୟ ଦେଶର ନାଗରିକ ମଧ୍ୟ ଯାତ୍ରା କରୁଥିଲେ । ଅବତରଣର ମାତ୍ର ୧୦ ସେକେଣ୍ଡ ପୂର୍ବରୁ ୟତି ଏୟାରଲାଇନ୍ସର ଏଟିଆର-୫୦୦ ର ଏହି ଭୟାନକ ଦୁର୍ଘଟଣାକୁ ନେଇ ଗତ ଦୁଇ ଦିନ ଧରି ଚର୍ଚ୍ଚା ଲାଗି ରହିଛି । ସୋସିଆଲ ମିଡିଆରେ ଘୂରି ବୁଲିଛି ଦୁର୍ଘଟଣା ସମୟର, ପୂର୍ବର ଏବଂ ପରର ଭିଡିଓ ।

ଜାନୁଆରୀ ୧୫ ତାରିଖରେ ୬୮ ଜଣ ଯାତ୍ରୀ ଏବଂ ଚାରିଜଣ କ୍ରୁ ସଦସ୍ୟଙ୍କୁ ନେଇ ୭୨ ଜଣିଆ ଯାତ୍ରୀବାହୀ ବିମାନ ଦିନ ପ୍ରାୟ ୧୧ଟା ସମୟରେ କାଠମାଣ୍ଡୁରୁ ପୋଖରା ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଯାତ୍ରା କରୁଥିଲା । ଏଥିରେ ୫୩ ନେପାଳୀ ନାଗରିକ, ପାଞ୍ଚ ଜଣ ଭାରତୀୟ ନାଗରିକ, ଚାରି ଜଣ ଋଷିୟ, ଦୁଇ ଜଣ କୋରିଆ, ଜଣେ ଇଂରେଜ, ଜଣେ ଆର୍ଜେଣ୍ଟିନା ଏବଂ ଜଣେ ଫରାସୀ ନାଗରିକ ଥିଲେ । ନୂଆ କରି ଖୋଲିଥିବା ପୋଖରା ବିମାନବନ୍ଦରରେ ଏଟିଆର-୫୦୦ ବିମାନ ଅବତରଣର ୧୦ ସେକେଣ୍ଡ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗତ ୩୦ ବର୍ଷ ମଧ୍ୟରେ ଏହାକୁ ମିଶାଇ ୨୮ ଥର ଦୁର୍ଘଟଣା ଘଟିଲାଣି ।

**ଦୁର୍ଘଟଣାର କାରଣ:** ବିଶେଷଜ୍ଞଙ୍କ କହିବା ଅନୁସାରେ, ନେପାଳର ପାହାଡିଆ ଅଞ୍ଚଳ, ଖରାପ ପାଗ, ଅନଭିଜ୍ଞ ପାଇଲଟଙ୍କ ସମେତ ପୁରୁଣା ବିମାନ କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ନେପାଳର ବେସାମରିକ ବିମାନ ଚଳାଚଳ ପ୍ରାଧିକରଣର ୨୦୧୯ ରିପୋର୍ଟ ଅନୁସାରେ, ପାର୍ବତ୍ୟାଞ୍ଚଳ ପାଇଲଟଙ୍କ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଦେଶର ଭୌଗଳିକ ସ୍ଥିତି ମଧ୍ୟ ଦୁର୍ଘଟଣାର ମୁଖ୍ୟ ଦାୟୀ, କାରଣ ବିଶ୍ୱର ଉଚ୍ଚତମ ଶୃଙ୍ଗ ନେପାଳରେ ରହିଛି । ନେପାଳର ବିମାନବନ୍ଦର ସମୁଦ୍ର ପତନଠାରୁ ୧,୩୩୮ ମିଟର ଉପରେ ରହିଛି । ଏହି କାରଣରୁ ବିମାନର ମୋଡ ବଦଳାଇବା ପାଇଲଟଙ୍କ ପାଇଁ କାଠିକର ପାଠ ହୋଇପଡୁଛି । ଏହା ସାଙ୍ଗକୁ ପାହାଡିଆ ଅଞ୍ଚଳ ପାଇଁ ପାଗରେ ହଠାତ୍ ପରିବର୍ତ୍ତନ ଘଟୁଛି, ରାଡାର ବ୍ୟବସ୍ଥା ମଧ୍ୟ ଦୁର୍ବଳ, ପାଇଲଟଙ୍କ ନିକଟରେ ସଠିକ୍ ସମୟରେ ପାଣିପାଗ ବାବଦରେ ସୂଚନା ପହଞ୍ଚିପାରୁ ନାହିଁ, ପୁରୁଣା ବିମାନକୁ ଯାତ୍ରା କରିବା ମଧ୍ୟ ଏକ ବଡ ବିପଦ, ତା' ସାଙ୍ଗକୁ ଅନଭିଜ୍ଞ ପାଇଲଟ୍ ଏପରି ଭୟଙ୍କର ଦୁର୍ଘଟଣାର ପ୍ରମୁଖ କାରଣ ରହିଛି ।

**ୟେତି ଏୟାରଲାଇନ୍ସ ବାବଦରେ ୬ଟି ତଥ୍ୟ :-** ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଟିଆର-୭୨ ବିମାନ ଏହାର ତୃତୀୟ ଉଡାଣ ଥିଲା । ଫ୍ଲାଇଟ୍ ଟ୍ରାକିଂ ୱେବ୍‌ସାଇଟ୍ ଫ୍ଲାଇଟ୍ ରାଡାର୍ ୨୪ ଦାବି କରିଛି ଯେ, ୟେତି ଏୟାରଲାଇନ୍ସର ବିମାନ ୧୫ ବର୍ଷର ପୁରୁଣା । ଏହା ନେପାଳ ଏବଂ ଦକ୍ଷିଣ ଏସିଆର ପ୍ରଥମ କାର୍ବନ-ନିରପେକ୍ଷ ବିମାନ ଏବଂ ବୁଦ୍ଧ ଏୟାର ପରେ ନେପାଳର ଦ୍ୱିତୀୟ ବୃହତ୍ତମ ଘରୋଇ ପରିବହନକାରୀ । ୟେତି ଏୟାରଲାଇନ୍ସ ଏବଂ ତାରା ଏୟାର ମିଳିତ ହୋଇ ନେପାଳର ସର୍ବ ବୃହତ ଘରୋଇ ବିମାନ ସେବା ଗଠନ କରିଥିଲେ । ୟୁରୋପୀୟ କମିଶନ ସମସ୍ତ ନେପାଳ ଏୟାରଲାଇନ୍ସକୁ ୨୦୧୩ରେ ୟେତି ଏୟାରଲାଇନ୍ସ ସମେତ ୟୁରୋପୀୟ ଏୟାର ସ୍ପେସରେ ପ୍ରବେଶ କରିବାକୁ ବାରଣ କରିଥିଲେ । ଜୁନ୍ ୨୦୨୧ ସୁଦ୍ଧା ଏହି ପ୍ରତିବନ୍ଧକ ଜାରି ରହିଥିଲା । ପାରେଣ୍ଟ କମ୍ପାନୀ ୟେତି ୱାର୍ଲ୍ଡ, ତତ୍କାଳୀନ ପ୍ରଧାନମନ୍ତ୍ରୀ କେ.ପି ଓଲିଙ୍କ ଏକ ଦୁର୍ନୀତି ମାମଲାରେ ଜଡିତ ଥିବା ନେଇ ଡିସେମ୍ବର ୨୦୦୯ ରେ ଖବରର ଶିରୋନାମାରେ ରହିଥିଲା ।

**ୟେତି ଏୟାରଲାଇନ୍ସ ମାଲିକ କିଏ:** ୟେତି ଏୟାରଲାଇନ୍ସ ମେ' ୧୯୯୮ ରେ ପ୍ରତିଷ୍ଠିତ ହୋଇଥିଲା ଏବଂ ଅଗଷ୍ଟ ୧୯୯୮ ରେ ଏହାର ଏୟାର ଅପରେଟର୍ସ ସାର୍ଟିଫିକେଟ୍ ଗ୍ରହଣ କରିଥିଲା । ୨୦୦୯ ରେ, ୟେତି ଏୟାରଲାଇନ୍ସ ସହାୟକ କମ୍ପାନୀ ତାରା ଏୟାର ପ୍ରତିଷ୍ଠା କରିଥିଲା । ଉଲ୍ଲେଖଯୋଗ୍ୟ, ୟେତି ଏୟାରଲାଇନ୍ସ ଏବଂ ତାରା ଏୟାର ମିଳିତ ହୋଇ ନେପାଳର ସର୍ବବୃହତ ଘରୋଇ ବିମାନ ସେବା ଗଠନ କରିଥିଲା । ୨୦୧୪ରେ, ୟେତି ଏୟାରଲାଇନ୍ସ ଆଉ ଏକ ମିଳିତ ଉଦ୍ୟୋଗ ହିମାଳୟ ଏୟାରଲାଇନ୍ସ ଆରମ୍ଭ କରିଛି । ପୋଖରାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏଟିଆର ୭୨ ବିମାନ ହେଉଛି ବହୁଳ ଭାବରେ ବ୍ୟବହୃତ ଟ୍ୱିନ୍-ଇଞ୍ଜିନ ଟର୍ବୋପ୍ରୋପ୍ ବିମାନ ଏବଂ ଏୟାରବସ୍ । ଏହା ଇଟାଲୀର ଲିଓନାର୍ଡୋଙ୍କ ମିଳିତ ଉଦ୍ୟମରେ ନିର୍ମିତ ହୋଇଛି ।




# ଯୋଶୀମଠରେ ବଦଳିବ ଲୁକ୍

## କେଦାରନାଥ ମଡେଲ୍‌ରେ ହେବ ବିକାଶ

ଉତ୍ତରାଖଣ୍ଡ: ଉତ୍ତରାଖଣ୍ଡ ଜୋଶୀମଠ ବିପର୍ଯ୍ୟୟ ପରେ ପ୍ରଭାବିତଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଯୋଶୀମଠରେ ରିଲିଫ କାର୍ଯ୍ୟ ସହ ପ୍ରଭାବିତଙ୍କୁ ଥଇଥାନ କରିବା ପ୍ରକ୍ରିୟା ମଧ୍ୟ ଜାରି ରହିଛି । ଏଥିପାଇଁ ଉତ୍ତରାଖଣ୍ଡ ସରକାର ସମ୍ପୂର୍ଣ୍ଣ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିସାରିଛନ୍ତି । କେଦାରନାଥ ଧାମର ପୁନଃର୍ନିର୍ମାଣ ଢାଞ୍ଚାରେ ଯୋଶୀମଠର ମଧ୍ୟ ପୁନଃର୍ନିର୍ମାଣ କରାଯିବା ନେଇ ସରକାର ଲକ୍ଷ୍ୟ ରଖିଥିବା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି ।

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଚିବ ରଞ୍ଜିତ ସିହ୍ନା କହିଛନ୍ତି, ଯୋଶୀମଠ ପ୍ରସଙ୍ଗରେ ସରକାର ଗମ୍ଭୀରତାର ସହ କାର୍ଯ୍ୟ କରୁଛନ୍ତି । ପର୍ବତ୍ୟାଞ୍ଚଳରେ ଅବସ୍ଥିତ ଯୋଶୀମଠରେ ବୈଜ୍ଞାନିକ ଅନୁସନ୍ଧାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହାର କାରଣ ଖୋଜାଯିବା ସହ ଭବିଷ୍ୟତରେ ଏହାକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ସେହିପରି ବିପର୍ଯ୍ୟୟର କାରଣ ଡଣାପଡିବା ପରେ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳର ପୁନଃର୍ନିର୍ମାଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯିବ । କେଦାରନାଥ ଧାମରେ ଜଳ ପ୍ରଳୟ ପରେ ହୋଇଥିବା ପୁନଃଉଦ୍ଧାର ଓ ପୁନଃର୍ନିର୍ମାଣ ଢାଞ୍ଚାରେ ଯୋଶୀମଠ ପାଇଁ ଖସଡା ପ୍ରସ୍ତୁତ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ସେ ସୂଚନା ଦେଇଛନ୍ତି ।

ସେହିପରି ବିଭାଗୀୟ ସଚିବ ସିହ୍ନାଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୮୪୯ଟି ଘରେ ଫାଟ ସୃଷ୍ଟି ହୋଇଥିବା ଅନୁଧ୍ୟାନରୁ ଜଣାପଡିଛି । ସେଥିମଧ୍ୟରୁ ୧୬୫ଟି ଅଟ୍ଟାଳିକା ସମ୍ପୂର୍ଣ୍ଣ ଅସୁରକ୍ଷିତ ଘୋଷଣା କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ୨୩୭ ପରିବାରର ପ୍ରାୟ ୮୦୦ରୁ ଅଧିକ ଲୋକଙ୍କୁ ବିସ୍ଥାପିତ କରାଯାଇଛି । ସମସ୍ତଙ୍କୁ ଅସ୍ଥାୟୀ ରିଲିଫ କ୍ୟାମ୍ପରେ ରଖାଯାଇଛି । ସେହିପରି ସହରରେ ଜଳ ନିଷ୍କାସନ ପରିମାଣ ମଧ୍ୟ ହ୍ରାସ ପାଇ ୨୪୦ (ମିନିଟ୍ ପିଚ୍ଛା ଲିଟର) ରୁ ୧୬୩କୁ ଖସି ଆସିଛି । ଏବେ ଏକାଧିକ ସଂସ୍ଥା ସେମାନଙ୍କର ଅନୁଧ୍ୟାନ ଜାରି ରଖିଛନ୍ତି । ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ । ସେହିପରି ଯୋଶୀମଠରେ ଥିବା ରୋପ୍-ୱେର୍ ଏବେ କୌଣସି ବିପଦ ନଥିବା ମଧ୍ୟ ସେ ସ୍ପଷ୍ଟ କରିଛି । କିନ୍ତୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ରୋପ-ୱେ ନିରୀକ୍ଷଣରେ ଜଣେ ଇଞ୍ଜିନିୟର ନିଯୁକ୍ତ କରାଯାଇଛି ।

ପ୍ରାଥମିକ ଭାବେ ଉତ୍ତରାଖଣ୍ଡ ସରକାର ପ୍ରଭାବିତଙ୍କ ପାଇଁ ଅନ୍ତରୀଣ ରିଲିଫ ପ୍ୟାକେଜ ଘୋଷଣା କରିଛନ୍ତି । ପ୍ରତ୍ୟେକ ପ୍ରଭାବିତ ପରିବାର ପାଇଁ ଦେଢ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । କ୍ଷତିଗ୍ରସ୍ତ ଘର ଓ ହୋଟେଲଗୁଡିକୁ ଭଙ୍ଗା କାମ ଜାରି ରହିଛି । ଏହି ସଙ୍କଟକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ପାଇଁ ସର୍ବୋଚ୍ଚ କୋର୍ଟରେ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି । ଆବେଦନକାରୀଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟରେ ଦ୍ୱାରସ୍ଥ ହେବା ପାଇଁ ସର୍ବୋଚ୍ଚ କୋର୍ଟ କହିଛନ୍ତି ।

# ବଢୁଛି ଧନୀ-ଗରିବ ତାରତମ୍ୟ

## ଭାରତରେ ୨୧ କୁବେରଙ୍କ ପାଖରେ ଗଦାଗଦା ସମ୍ପତ୍ତି

ନୂଆଦିଲ୍ଲୀ: ତେଲିଆ ମୁଣ୍ଡରେ ତେଲ । ଗରିବ ଲୋକ ମୌଳିକ ଆବଶ୍ୟକତା ପୂରଣ କରିବାକୁ ସଂଘର୍ଷ କରୁଥିବା ବେଳେ ଧନୀମାନଙ୍କ ବିଳାସବ୍ୟସନ ଜୀବନ ଦିନକୁ ଦିନ ଆହୁରି ଚକାଚକ୍ ହେବାରେ ଲାଗିଛି । ବିକାଶର ସିଂହ ଭାଗ ଲାଭ କେବଳ ଧନୀକ ବର୍ଗଙ୍କ ପାଖରେ ପହଞ୍ଚୁଛି । ଅର୍ଥାତ ଦେଶରେ ବଢ଼ି ଚାଲିଛି ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ । ବୃଦ୍ଧି ପାଉଛି ଧନୀ ଗରୀବଙ୍କ ମଧ୍ୟରେ ଅର୍ଥନୈତିକ ଅସମାନତା । ଭାରତର ମାତ୍ର ୨୧ ଅରବପତିଙ୍କ ସମ୍ପତ୍ତି ମୂଲ୍ୟ ଅନ୍ୟ ୭୦ କୋଟି ଭାରତୀୟଙ୍କ ସମ୍ପତ୍ତି ମୂଲ୍ୟ ଠାରୁ ଅଧିକ । ସେହିଭଳି ଦେଶର ୫ ପ୍ରତିଶତ ଧନୀଙ୍କ ପାଖରେ ରହିଛି ଭାରତର ୬୦ ପ୍ରତିଶତ ସମ୍ପତ୍ତି । ଅନ୍ୟପଟେ ଦେଶର ନିମ୍ନଭାଗରେ ରହୁଥିବା ୫୦ ଭାଗ ଲୋକଙ୍କ ପାଖରେ ରହିଛି ଦେଶର ମାତ୍ର ୩ ପ୍ରତିଶତ ସମ୍ପତ୍ତି । ଅକ୍ସଫାମ୍ ଇଣ୍ଡିଆ ନିଜର ସଦ୍ୟତମ ସର୍ଭାଇଭାଲ ଅଫ୍ ଦ ରିଚେଷ୍ଟ: ଦ ଇଣ୍ଡିଆ ଷ୍ଟୋରୀ ରିପୋର୍ଟରେ ଏହା ଦର୍ଶାଇଛି ।



ରିପୋର୍ଟ କହୁଛି, ଦେଶର ୧୦ ପ୍ରତିଶତ ଉପର ସ୍ତରର ଲୋକଙ୍କ ପାଖରେ ରହିଛି ଦେଶର ୭୨.୪ ପ୍ରତିଶତ ସମ୍ପତ୍ତି । ଅର୍ଥାତ ବଳକା ୯୦ ପ୍ରତିଶତ ଲୋକଙ୍କ ପାଖରେ ରହିଛି ମାତ୍ର ୨୭.୬ ପ୍ରତିଶତ ସମ୍ପତ୍ତି । ଖାଲି ସେତିକି ନୁହେଁ, କୋଭିଡ୍ ମହାମାରୀ ସତ୍ତ୍ୱେ ଦେଶରେ ବଢ଼ିଚାଲିଛି ୧୦୦ କୋଟିରୁ ଅଧିକ ସଂପତ୍ତି ଥିବା ବ୍ୟକ୍ତି ବା ଅରବପତିଙ୍କ ସଂଖ୍ୟା । ୨୦୨୦ରେ ୧୦୨ ଜଣ ଅରବପତି ଥିବା ବେଳେ ୨୦୨୨ରେ ଏହି ସଂଖ୍ୟା ୧୬୬ରେ ପହଞ୍ଚିଛି । ମହାମାରୀ ଆରମ୍ଭରୁ ୨୦୨୨ ନଭେମ୍ବର ମଧ୍ୟରେ ଭାରତୀୟ ଅରବପତିଙ୍କ ସମ୍ପତ୍ତି ମୂଲ୍ୟ ୧୨୧ ପ୍ରତିଶତ ବା ଦିନକୁ ୩ ହଜାର ୬୦୮ କୋଟି ଟଙ୍କା ଲେଖାଏଁ ବଢ଼ିଛି । ମହାମାରୀ ସମୟରେ କେବଳ ଆଦାନି ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନିଙ୍କ ସମ୍ପତ୍ତି ମୂଲ୍ୟ ୮ ଗୁଣ ବଢ଼ିଛି । ଅକ୍ସଫାମ୍ ଇଣ୍ଡିଆ କହିଛି, ଧନୀ ଓ ଗରିବଙ୍କ ମଧ୍ୟରେ ବଢୁଥିବା ଅର୍ଥନୈତିକ ତାରତମ୍ୟ ହ୍ରାସ ଲାଗି ସରକାର ପ୍ରମୁଖ ୧ ପ୍ରତିଶତ ଧନୀଙ୍କ ଉପରେ ସମ୍ପତ୍ତି କର ବୃଦ୍ଧି କରିବା ଉଚିତ୍ ।

ରିପୋର୍ଟରେ କୁହାଯାଇଛି ୨୦୧୭ରୁ ୨୦୨୧ ମଧ୍ୟରେ ଅରବପତି- ଗୌତମ ଆଦାନିଙ୍କ ବର୍ଦ୍ଧିତ ସମ୍ପତ୍ତି ଉପରେ ୱାନ୍-ଅଫ୍ ଟାକ୍ସ ଲାଗୁ କରିଥିଲେ ୧ ଲକ୍ଷ ୭୯ ହଜାର କୋଟି ଟଙ୍କା ମିଳିଥାନ୍ତା, ଯାହାକି ଦେଶର ୫ କୋଟି ପ୍ରାଥମିକ ଶିକ୍ଷକଙ୍କୁ ବର୍ଷେ କାଳ ନିଯୁକ୍ତି ଯୋଗାଇବାକୁ ଯଥେଷ୍ଟ । ଏମିତିକି ଅରବପତିଙ୍କ ମୋଟ ସମ୍ପତ୍ତି ଉପରେ ଯଦି ଥରୁଟିଏ ୨ ପ୍ରତିଶତ ଟିକସ ଆଦାୟ ହୁଏ, ତାହା ସାରା ଦେଶରେ କୁପୋଷଣ ଦୂର ପାଇଁ ଚାଲିଥିବା କାର୍ଯ୍ୟକ୍ରମକୁ ୩ ବର୍ଷ ଯାଏଁ ପାଣ୍ଠି ଯୋଗାଇପାରିବ । ସେହିପରି ଯଦି ୩ ପ୍ରତିଶତ ସମ୍ପତ୍ତି କର ଲାଗେ, ସେହି ଅର୍ଥରେ ଆୟୁଷ୍ମାନ ଭାରତ ଯୋଜନା ୫ ବର୍ଷ ଚାଲିପାରିବ । ଅର୍ଥନୀତି ବିଷାରଦଙ୍କ ମତରେ କେବଳ ଟିକସ ନୁହେଁ, ନୀତିଗତ ପରିବର୍ତ୍ତନ ଅଣାଯାଇ କିପରି ଧନୀ- ଗରିବଙ୍କ ମଧ୍ୟରେ ଅର୍ଥନୈତିକ ତାରତମ୍ୟ ହ୍ରାସ କରାଯାଇପାରିବ, ସେନେଇ ସରକାରଙ୍କୁ ବିଚାର କରିବାକୁ ପଡ଼ିବ ।

## ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ବିକାଶର ବାର୍ତ୍ତାବହ

# କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୩'

ଭବାନୀପାଟଣା: ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ବିକାଶର ବାର୍ତ୍ତାବହ କଳାହାଣ୍ଡି ଜିଲ୍ଲାସ୍ତରୀୟ ଉତ୍ସବ ଘୁମୁରାର ରଜତ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ପାରବା ମଞ୍ଚ ଓ ରେଣ୍ଡୋ ମାଝୀ ମଞ୍ଚରେ ସ୍ଥାନୀୟ କଳାକାର, ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ । ଉଦ୍‌ଘାଟନୀ ସନ୍ଧ୍ୟାରେ ଲୋକସଭା ସାଂସଦ ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦେଇଥିଲେ । ସେହିପରି ଅନ୍ୟ ଦିନମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ ।

ଉଦ୍‌ଘାଟନୀ ଦିନ ଲେଖକ କଳା ପରିଷଦର କଳାକାରମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଏହି ଅବସରରେ କଳାହାଣ୍ଡି ଉତ୍ସବର ସ୍ମରଣିକା କଳାଝରଣ ଏବଂ କବିତା ପାଠୋତ୍ସବ କମିଟିର ପତ୍ରିକା ନିଶାନ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବର୍ତ୍ତମାନ କଳାହାଣ୍ଡିର ହକ୍ ମାଗିବାର ସମୟ ଆସିଛି ବୋଲି ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିସନର ଏବଂ ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗର ସଚିବ ପ୍ରଦୀପ ଜେନା ଯୋଗଦେଇ ନିଜର କଳ୍ପନା ପ୍ରସୂତ କଳାହାଣ୍ଡି ଉତ୍ସବର ଗୌରବମୟ ଅତୀତକୁ ମନେ ପକାଇ ଭାବବିହ୍ୱଳ ହୋଇ ଉଠିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ ଯୋଗଦେଇ ଗୁଡ଼ହାଣ୍ଡି, ଦଣ୍ଡପାଟ, ଡଙ୍ଗରିଆମାନଙ୍କ ନିୟମଗିରି, ତେଲ, ହାତୀ, ଉଦନ୍ତୀଠାରୁ ଆରମ୍ଭ କରି ବିଭିନ୍ନ ନଦୀ କଳାହାଣ୍ଡିକୁ ଆହୁରି ଗରିୟାନ କରିଛନ୍ତି ବୋଲି କହିଥିଲେ । କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ପ୍ରାରମ୍ଭିକ ସୂଚନା ଦେଇ କଳାହାଣ୍ଡି ଉତ୍ସବକୁ ପୂର୍ବ ଜିଲ୍ଲାପାଳ ପ୍ରଦୀପ ଜେନା ଆରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଏହାପରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକଗୀତ, ଥୁଆମୂଳ ରାମପୁର ବ୍ଲକ ପୁରୁଣାଗୁମା ଶୁଭମ ଅନୁଷ୍ଠାନର ଘୁମୁରା, ଭବାନୀପାଟଣା ଜେଜେ ସ୍କୁଲ ଅଫ୍ ଡ୍ୟାନ୍ସ, ନୃତ୍ୟାଙ୍ଗନା, ଟ୍ରାଇବାଲ ଡ୍ୟାନ୍ସ ଏକାଡେମୀ, ରେଣ୍ଡୋ ମାଝୀ ସାଂସ୍କୃତିକ ଅନୁଷ୍ଠାନ, ନୃତ୍ୟକଳା ଅନୁଷ୍ଠାନ, ସକ୍ଷମ ଅନୁଷ୍ଠାନର ଓଡ଼ିଶୀ, ବିକାଶ, ସୁହାଗପୁରର ମା ଡୋକରୀ ଅନୁଷ୍ଠାନର ବଜାଶାଲ, ଭୁବନେଶ୍ୱର ନଟରାଜ ଅନୁଷ୍ଠାନର ମୟୂରୀ ନୃତ୍ୟ, ବରଗଡ଼ ଜିଲ୍ଲା ସଂସ୍କୃତି ପରିଷଦ, ବଲାଙ୍ଗୀର ଢୋଲ ମହୁରି କଳା ପରିଷଦ ଅନୁଷ୍ଠାନ, ନବରଙ୍ଗପୁର ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟର ଢେମସା, ଖୋର୍ଦ୍ଧାର ପାଇକ ଆଖଡ଼ା, ଭଦ୍ରକର ଲୋକକଳା ସମେତ ରାଜ୍ୟ ବାହାରର ଲୋକକଳା ମଧ୍ୟରେ ଆସାମର ବିହୁ, ଝାଡ଼ଖଣ୍ଡର ପାଇକିଆ ନୃତ୍ୟ ଆଦି ପ୍ରଦର୍ଶିତ ହୋଇଥିଲା ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡର ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିଲେ । ଏହାପରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକଗୀତ, ଭବାନୀପାଟଣାର ଜେକେ ୱାର୍ଲ୍ଡ, ବିକାଶ, ମୟୁରୀ ଲୋକନୃତ୍ୟ, କାରୁଣ୍ଡ କଳା ମଞ୍ଚର ବଜାଶାଲ୍, ସଂଗମ, ସଂସ୍କୃତି, ନଟରାଜ କଳା ପରିଷଦ, ଜୁନାଗଡ଼ର ମାଁ ଲଙ୍କେଶ୍ୱରୀ ଅନୁଷ୍ଠାନ, ସହିତ ସମ୍ବଲପୁର ଜିଲ୍ଲା ସଂସ୍କୃତି ପରିଷଦ, ମାଲକାନଗିରି ଜିଲ୍ଲା ସଂସ୍କୃତି ପରିଷଦ, ବରଗଡ଼ ଜିଲ୍ଲା ସଂସ୍କୃତି ପରିଷଦ, ବରଗଡ଼ର କଳାଜୀବୀ, ଲଗନ ସାଂସ୍କୃତିକ ଅନୁଷ୍ଠାନ, ସମ୍ବଲପୁରର ଫୋକ୍ ଟ୍ରାଡିସନ୍, ଖୋର୍ଦ୍ଧାର ଆରାଧନା ଡ୍ୟାନ୍ସ ଏକାଡେମୀ ଏବଂ ଝାଡଖଣ୍ଡର ପାଇକିଆ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ପାରବା ମଞ୍ଚରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।

































# ଓସ୍କାରରେ ଝଲସୁଛି ଭାରତୀୟ ସିନେମା




ବର୍ତ୍ତମାନ ଭାରତୀୟ ମନୋରଞ୍ଜନ ଜଗତରେ କେବଳ ଓସ୍କାରକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଓସ୍କାର ନାମାଙ୍କନରେ ୫ଟି ଭାରତୀୟ ଚଳଚ୍ଚିତ୍ର ବିଭିନ୍ନ ବର୍ଗରେ ସ୍ଥାନିତ ହୋଇଛି । ଶ୍ରେଷ୍ଠ ଅଭିନେତା ଏବଂ ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ ଏସବୁ ମଧ୍ୟ ନାମାଙ୍କନ ହୋଇଛି । ଏହି ଫିଲ୍ମଗୁଡିକ ହେଲା 'ଛେଲ୍ଲୋ ଶୋ', 'ଆର୍‌ଆର୍‌ଆର୍', 'ଗଙ୍ଗୁବାଇ କାଠିୟାୱାଡି', 'କାଶ୍ମୀର ଫାଇଲ୍ସ' ଏବଂ 'କାନ୍ତାରା' । ଏକାଡେମୀ ଅଫ୍ ମୋସନ୍ ପିକ୍ଚର୍ ଆର୍ଟ ଆଣ୍ଡ ସାଇନ୍ସେସ୍ ଓସ୍କାର ପାଇଁ ଯୋଗ୍ୟ ୩୦୧ଟି ଫିଚର୍ ଫିଲ୍ମର ତାଲିକା ପ୍ରକାଶ କରିଛି । ଭାରତ ପ୍ରଥମ ଥର ପାଇଁ ୪ଟି ବର୍ଗରେ ଓସ୍କାର ସର୍ଟଲିଷ୍ଟରେ ସ୍ଥାନ ପାଇଛି । ଜାନୁଆରୀ ୧୨–୧୭ ରୁ ନାମାଙ୍କନ ପାଇଁ ଭୋଟିଂ ହେବ । ଏହା ପରେ, ଜାନୁଆରୀ ୨୪ରେ ଚୂଡ଼ାନ୍ତ ନାମାଙ୍କନ ତାଲିକା ପ୍ରକାଶ ପାଇବ, ଯାହା ଉପରେ ସମସ୍ତଙ୍କ ଆଖି ରହିଛି । ଏହି ୫ ଟି ଫିଲ୍ମ କାହିଁକି ସ୍ୱତନ୍ତ୍ର, ଆସନ୍ତୁ ଜାଣିବା ।



**ଛେଲ୍ଲୋ ଶୋ:** ଗୁଜରାଟୀ ଚଳଚ୍ଚିତ୍ର 'ଛେଲ୍ଲୋ ଶୋ' ଶ୍ରେଷ୍ଠ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ବର୍ଗରେ ସାମିଲ୍ ହୋଇଛି । ଏହାର ଟାଇଟଲ୍ ଅର୍ଥ ହେଉଛି 'ଦି ଲଷ୍ଟ ଶୋ' । ଏହାକୁ ପେନ୍ ନଲିନ୍ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ମୁଖ୍ୟ ଭୂମିକାରେ ଭାବିନ ରାବାଡି ଅଭିନୟ କରିଛନ୍ତି । ଅନେକ ଆନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ୧୪ ଅକ୍ଟୋବର ୨୦୨୨ରେ ଭାରତରେ ମୁକ୍ତିଲାଭ କରିଥିଲା ।



**ଆର୍‌ଆର୍‌ଆର୍:** ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡିର ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳିଙ୍କ ଆର୍‌ଆର୍‌ଆର୍ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା । ଫିଲ୍ମର ବ୍ୟବସାୟ ମଧ୍ୟ ବହୁତ ଭଲ ହୋଇଥିଲା ଏବଂ ଅନେକ ରେକର୍ଡ ସୃଷ୍ଟି କରିଥିଲା । ଫିଲ୍ମର ଗୀତଗୁଡିକ ଖୁବ ଭିନ୍ନ ଥିଲା । ଫିଲ୍ମର ଗୀତ 'ନାଟୁ ନାଟୁ' ଶ୍ରେଷ୍ଠ ମୂଳ ଗୀତ ତାଲିକାରେ ସ୍ଥାନ ପାଇଛି । ରାମଚରଣ ଏବଂ ଜୁନିଅର ଏନ୍‌ଟିଆରଙ୍କ ଉପରେ ଚିତ୍ରିତ ହୋଇଥିବା ଏହି ଗୀତକୁ ରାହୁଲ ସିପଲିଗୁଞ୍ଜ ଏବଂ କାଲା ଭୈରବ ଗାଇଛନ୍ତି । ଏହିସବୁ ଗୀତଗୁଡିକୁ ଏମଏମ୍ କୀରାବାନୀ ଲେଖିଛନ୍ତି ।




**ଗଙ୍ଗୁବାଇ କାଠିୟାୱାଡି:** ସଞ୍ଜୟ ଲୀଲା ଭଂସାଲୀଙ୍କ ଫିଲ୍ମ 'ଗଙ୍ଗୁବାଇ କାଠିୟାୱାଡି' ମଧ୍ୟ ଏହି ତାଲିକାରେ ସାମିଲ୍ ହୋଇଛି । ଏହି ଚଳଚ୍ଚିତ୍ରରେ ଆଲିଆ ଭଟ୍ଟ ମୁଖ୍ୟ ଭୂମିକାରେ ଥିଲେ । ୨୫ ଫେବ୍ରୁଆରୀ ୨୦୨୨ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ମାଫିଆ କ୍ୱିନ୍ ଉପରେ ଆଧାରିତ ଥିଲା । ଚଳଚ୍ଚିତ୍ରରେ ଆଲିଆଙ୍କ କାମକୁ ଉଚ୍ଚ ପ୍ରଶଂସା କରାଯାଇଥିଲା ।




**ଦି କାଶ୍ମୀର ଫାଇଲ୍ସ:** ମାର୍ଚ୍ଚ ୧୧, ୨୦୨୨ରେ ମୁକ୍ତିଲାଭ କରିଥିବା ବିବେକ ଅଗ୍ନିହୋତ୍ରୀଙ୍କ ଚଳଚ୍ଚିତ୍ର ଦି କାଶ୍ମୀର ଫାଇଲ୍ସକୁ ନେଇ ବର୍ଷସାରା ଆଲୋଚନା ହୋଇଥିଲା । ଏହି ଫିଲ୍ମଟି ବିବାଦ ଘେରରେ ରହିଥିଲେ ବି ଲୋକମାନେ ଏହାକୁ ପସନ୍ଦ କରିଥିଲେ । କାଶ୍ମୀରରେ ହୋଇଥିବା ନିର୍ଦ୍ଦୟ ହତ୍ୟାକାଣ୍ଡ ଉପରେ ଆଧାରିତ ଏହି ଚଳଚ୍ଚିତ୍ର ମଧ୍ୟ ରିମାଇଣ୍ଡର୍ ତାଲିକାରେ ସ୍ଥାନ ପାଇଛି । ଏହି ଚଳଚ୍ଚିତ୍ରରେ ଅନୁପମ ଖେର, ମିଥୁନ ଚକ୍ରବର୍ତ୍ତୀ, ଦର୍ଶନ କୁମାର, ପଲ୍ଲଭୀ ଯୋଶୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।




**କାନ୍ତାରା:** କେରଳର କୋଷ୍ଟାଲ୍ ଏରିଆର ପରମ୍ପରା ଉପରେ ଆଧାରିତ ରଷଭ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଓ ଅଭିନୀତ 'କାନ୍ତାରା' ସମସ୍ତଙ୍କ ହୃଦୟ ଜିତିଥିଲା । ଏହା ସେହିବର୍ଷର ସବୁଠାରୁ ପ୍ରଭାବଶାଳୀ ଫିଲ୍ମ ଭାବରେ ଉଭା ହୋଇଥିଲ । ରୋଜଗାରରେ ମଧ୍ୟ ଏହା ଏକ ନୂଆ ରେକର୍ଡ କରିଥିଲ । ଏହି ଚଳଚ୍ଚିତ୍ରଟିକୁ ଶ୍ରେଷ୍ଠ ଅଭିନେତା ଏବଂ ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ନାମାଙ୍କନ ମିଳିଛି ।

ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼

ଚୈତି ବାର୍ତ୍ତା-୨୦୨୨

ଚୈତି-୨୦୨୨ ଓ ପଲ୍ଲିଶ୍ରୀ ମେଳା ଚଳିତ ବର୍ଷ ଜାନୁୟାରୀ-୧୮ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ସ୍ଥାନୀୟ ଜି.ସି.ଡି ହାଇସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହେବ । ଏହି ମହୋତ୍ସବର ଉଦ୍ଦେଶ୍ୟ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ କ୍ରୀଡାକୁ ପ୍ରୋତ୍ସାହନ ଦେବା ସହିତ ପ୍ରତିଭା ଅନ୍ୱେଷଣ ପାଇଁ ମଞ୍ଚ ପ୍ରଦାନ କରିବା । ଏତଦ୍ ବ୍ୟତୀତ ଜିଲ୍ଲା ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷିଜାତ ଦ୍ରବ୍ୟ ଓ ହସ୍ତତନ୍ତ ସାମଗ୍ରୀ, ସୌରା ଚିତ୍ରକଳା "ଇଡାଇ ଇଡିତାଲ" ଓ ଡଙ୍ଗରିଆଙ୍କ "କାପଡାଗୁନ୍ଦା" ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକର ବିକ୍ରୀ ଓ ପ୍ରଦର୍ଶନୀ ପାଇଁ ସୁଯୋଗ ଦିଆଯାଉଛି ।

ପ୍ରତିଦିନ ସନ୍ଧ୍ୟାରେ ଚୈତି ମଞ୍ଚରେ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଛି । ଏଥିରେ ଯୋଗଦାନ କରି ଏହି ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଜନସାଧାରଣଙ୍କ ସହୃଦୟ ସହଯୋଗ କାମନା କରୁଛି ।

ସୁଧା ଦେବ ସିଂ
ଜିଲ୍ଲାପାଳ-ତଥା- ଅଧ୍ୟକ୍ଷା
ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ

# ମଞ୍ଚରେ ନାଚିଲେ ସୁବର୍ଣ୍ଣପୁର ଜିଲ୍ଲାପାଳ

## କଥକ ନୃତ୍ୟରେ ବାଲ୍ୟ ବିବାହ ରୋକିବା ଏବଂ ପିଲାଙ୍କୁ ସ୍କୁଲ୍ ମୁହାଁ ଲାଗି କଲେ ସଚେତନ







ସୁବର୍ଣ୍ଣପୁର: ମଞ୍ଚରେ ନାଚିଲେ ଜିଲ୍ଲାପାଳ । ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ଜିଲ୍ଲାପାଳଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ତାଜୁବ କରିଦେଇଛି । ଏହି ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି । ଜିଲ୍ଲାପାଳ ପ୍ରାଶାସନିକ ଚାପରେ ରହିଥାନ୍ତି । ଏ ଧାରଣାକୁ ଭୁଲ ପ୍ରମାଣିତ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲି ସୁନୀଲ ନରୱେଣ । ସୁବର୍ଣ୍ଣପୁର ଲୋକ ମହୋତ୍ସବରେ ମଞ୍ଚ ଉପରେ ଜିଲ୍ଲାପାଳଙ୍କ କଥକ ନୃତ୍ୟ ସମସ୍ତଙ୍କୁ ବିମୋହିତ କରିଦେଇଛି । ନୃତ୍ୟ ମାଧ୍ୟମରେ ସେ ବାଲ୍ୟ ବିବାହ ରୋକିବା ଏବଂ ପିଲାଙ୍କୁ ସ୍କୁଲ ମୁହାଁ କରିବା ଲାଗି ମଧ୍ୟ ଲୋକଙ୍କୁ ସଚେତନ କରିଛନ୍ତି । ଏପରି ବି ହେଲା ଜିଲ୍ଲାପାଳଙ୍କୁ ପୂର୍ବରୁ ଦେଖିନଥିବା ଲୋକ ମଞ୍ଚ ଉପରେ ତାଙ୍କ ଚିତାକର୍ଷକ କଥକ ନୃତ୍ୟ ଦେଖି ଭାବିନେଇଥିଲେ ଯେ, ହୁଏ ତ କେହି ଭଲ ନୃତ୍ୟଶିଳ୍ପୀ ଏହି ନୃତ୍ୟ ପରିବେଷଣ କରୁଛନ୍ତି । କିନ୍ତୁ ପରେ ଯେତେବେଳେ ସମସ୍ତେ ଜାଣିଲେ ଏହି ନୃତ୍ୟ ଜିଲ୍ଲାପାଳ କରୁଛନ୍ତି ସେତେବେଳେ ଏକଥା ସଭିଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଗତ ୧୩ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖରେ ଶେଷ ହେବାକୁ ଥିବା ସୁବର୍ଣ୍ଣପୁର ଲୋକ ମହୋତ୍ସବର ଦ୍ୱିତୀୟ ଦିନରେ ଜିଲ୍ଲାପାଳ ନିଜେ ପ୍ରତିଯୋଗୀଙ୍କ ପରି ଅନୁଷ୍ଠାନରେ ସାମିଲ ହୋଇ ନୃତ୍ୟ ପରିବେଷଣ କରିଥିଲେ । ଯାହା ଉପସ୍ଥିତ କଳାକାରଙ୍କ ମନରେ ବେଶ୍ ଉତ୍ସାହ ଭରିଦେଇଥିଲା ।

# ଫେରିଲା ବିଜୁଙ୍କ ପ୍ରିୟ ଡାକୋଟା

ଭୁବନେଶ୍ୱର: ଯେତେବେଳେ ବି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବୀରତ୍ୱର ଗାଥା ସମ୍ପର୍କରେ ଚର୍ଚ୍ଚା ହୁଏ, ଆଗକୁ ଆସେ ଡାକୋଟା ବିମାନ । ବିଜୁବାବୁଙ୍କ କଳିଙ୍ଗ ଏୟାରଲାଇନ୍ସରେ ସାମିଲ ଥିବା ଏକ ଡାକୋଟା ବିମାନ ଏବେ ଭୁବନେଶ୍ୱର ପହଞ୍ଚିଯାଇଛି । ବହୁ ଦାବି ପରେ କୋଲକାତା ବିମାନବନ୍ଦରରେ ଅବହେଳିତ ଅବସ୍ଥାରେ ଥିବା ଡାକୋଟାକୁ ଖଣ୍ଡ ଖଣ୍ଡ କରି ତିନିଟି ଟ୍ରେଲର ଯୋଗେ ଭୁବନେଶ୍ୱର ଏୟାରପୋର୍ଟକୁ ଅଣାଯାଇଛି । କୋଲକାତା ବିମାନବନ୍ଦରରୁ ତିନିଟି ଟ୍ରେଲର୍‌ରେ ଲଦା ହୋଇ ବାହାରିବା ପରେ ଜାତୀୟ ରାଜପଥରେ ଆଗ ପଛ ହୋଇ ଓଡ଼ିଶା ପୋଲିସ୍ ଏସ୍କଟରେ ଭୁବନେଶ୍ୱର ଅଭିମୁଖେ ଆସିଥିଲା । ବାଟ ସାରା କିଏ ବିମାନର ସେଲଫି ନେଉଥିଲେ, ପୁଣି କେଉଁଠି କେଉଁଠି ଟ୍ରେଲରକୁ ଅଟକାଇ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଉଥିଲା ।

୧୯୪୭ ମସିହାରେ ପାକିସ୍ତାନୀ ଶତ୍ରୁ ବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାଙ୍କୁ ଏୟାରଲିଫ୍ଟ କରିବା ହେଉ କି ସେନା ପାଇଁ ଗୋଳାବାରୁଦ ଓ ଔଷଧ ପରିବହନ ଅବା ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀଙ୍କୁ ଡଚଙ୍କୁ କବଳରୁ ଉଦ୍ଧାର । ଏ ସମସ୍ତ ଦୁଃସାହସିକ ଅଭିଯାନରେ ଦୁର୍ଦ୍ଦଶ ପାଇଲଟ୍ ବିଜୁ ପଟ୍ଟନାୟକଙ୍କ ସାଥୀ ଥିଲା ଡାକୋଟା ବିମାନ । କୁହାଯାଉଛି, ବିଜୁବାବୁଙ୍କ ପରିଚାଳିତ କଳିଙ୍ଗ ଏୟାରଲାଇନ୍ସରେ ସାମିଲ ଥିବା ପ୍ରାୟ ୧୪ଟି ଡାକୋଟା ବିମାନରୁ ଇଏ ବି ଗୋଟିଏ । ଭୁବନେଶ୍ୱର ପହଞ୍ଚିବା ପରେ ଏଇ ବିଶାଳକାୟ ଡାକୋଟାକୁ ବିଜୁ ପଟ୍ଟନାୟକଙ୍କ ନାଁରେ ନାମିତ ବିମାନ ବନ୍ଦରରେ ସ୍ମାରକୀ ଭାବେ ରଖାଯାଉଛି । ଐତିହାସିକଙ୍କ ମତରେ ୧୯୪୪ ଫେବ୍ରୁଆରୀରେ ପ୍ରଥମ ଉଡ଼ାଣ ଭରିଥିବା ଏଇ ଡାକୋଟା ବିମାନକୁ ଏବେ ୮୬ ବର୍ଷ ହେଲାଣି । ହେଲେ ବୈମାନିକ ଭାବେ ପ୍ରବାଦ ପୁରୁଷ ବିଜୁ ସ୍ମୃତିକୁ ଜାବୋଡ଼ି ଧରିଥିବା ଏଇ ବିମାନକୁ ଯତ୍ନରେ ରଖାଗଲେ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ମଧ୍ୟ ତାହା ରହି ପାରିବ ।



# ସଂରକ୍ଷଣ ହେବ କାରୁକାର୍ଯ୍ୟପୂର୍ଣ୍ଣ ପୁରାତନ ଗୁମ୍ଫା

ଭୁବନେଶ୍ୱର: ଓଡ଼ିଶାର କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ପୁରାତନ ଗୁମ୍ଫାଗୁଡ଼ିକର ସଂରକ୍ଷଣ ଦିଗରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ନୀତିଗତ ନିଷ୍ପତ୍ତି ନେଉଛି । ରାଜ୍ୟରେ ଏଭଳି ୧୪୦ଟି ଗୁମ୍ଫାର ରହିଥିବା ବେଳେ ସେଗୁଡ଼ିକର ସଂରକ୍ଷଣ କରିବା ନେଇ ବିଭାଗ ଯୋଜନା କରୁଛି । ଯାହାଫଳରେ ରାଜ୍ୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସଂରକ୍ଷିତ ସ୍ମାରକର ସଂଖ୍ୟା ବଢ଼ିବା ନେଇ ଆଶା ଉଜ୍ଜୀବିତ ହୋଇଛି । ଏଏସ୍‌ଆଇ ଭୁବନେଶ୍ୱର ସର୍କଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଥିବା ଅନେକ ଶୀଳା ଓ ଗୁମ୍ଫା କାରୁକାର୍ଯ୍ୟରେ ପରିପୂର୍ଣ୍ଣ । ଏସବୁକୁ ସଂରକ୍ଷିତ କରିବା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଏସବୁର ସଂରକ୍ଷଣ ଦିଗରେ ଏଏସ୍‌ଆଇ ଧ୍ୟାନ କେନ୍ଦ୍ରୀଭୂତ କରୁଛି । ରାଜ୍ୟରେ କାରୁକାର୍ଯ୍ୟପୂର୍ଣ୍ଣ ୧୪୦ଟି ଗୁମ୍ଫା ରହିଛିଛ ତନ୍ମଧ୍ୟରୁ କେବଳ ଝାରସୁଗୁଡ଼ାର ବେଲହାପାଡ଼ସ୍ଥିତ ବିକ୍ରମଖୋଲ ଗୁମ୍ଫା ଏଏସଆଇ ସ୍ମାରକର ମାନ୍ୟତା ପାଇଛି । ଏପରିକି ସମ୍ପ୍ରତି ବିକ୍ରମଖୋଲ ଗୁମ୍ଫା କାରୁକାର୍ଯ୍ୟର ସିଂହଭାଗ ନଷ୍ଟ ହୋଇସାରିଲାଣି । ପଶ୍ଚିମ ଓଡ଼ିଶାରେ ଏଭଳି ୫୦ରୁ ଊର୍ଦ୍ଧ୍ୱ ଗୁମ୍ଫା ରହିଛି । ଏସବୁ ଗୁମ୍ଫାର କାରୁକାର୍ଯ୍ୟ କ୍ରମଶଃ ନଷ୍ଟ ହେବାରେ ଲାଗିଛି । ଜଳବାୟୁ ଓ ମାନବକୃତ କାର୍ଯ୍ୟକଳାପ ଯୋଗୁଁ ପୁରାତନ କାରୁକାର୍ଯ୍ୟକୁ ବହନ କରୁଥିବା ଗୁମ୍ଫାଗୁଡ଼ିକ ନିଜର ଗୁରୁତ୍ୱ ହରାଉଛନ୍ତି । ସମ୍ବଲପୁର ସ୍ଥିତ ଅମ୍ବାଖୋଲ ଓ ଭୀମ ମଣ୍ଡଳୀ ଗୁମ୍ଫାକୁ ଉଦହାରଣ ଭାବେ ନିଆଯାଇପାରିବ । ଏସବୁ ଗୁମ୍ଫା ୧୦ ବର୍ଷ ତଳେ ଯେଉଁ ଅବସ୍ଥାରେ ଥିଲା ସମ୍ପ୍ରତି ସେଭଳି ନାହିଁ । ଏହାର କାରୁକାର୍ଯ୍ୟ କ୍ରମଶଃ ନଷ୍ଟ ହେବାରେ ଲାଗିଛି । ଏପରକି ଅମ୍ବାଖୋଲ୍ ଗୁମ୍ଫାରେ ଥିବା ୩ଟି ହାତୀ ମୂର୍ତ୍ତି ମଧ୍ୟରୁ ଗୋଟିଏକୁ ଦେଖିବାକୁ ମିଳୁନାହିଁ । ତାହା କୁଆଡ଼େ ଗଲା ସେନେଇ କୌଣସି ସୂଚନା ନାହିଁ । ଏଣୁ ଯୁଦ୍ଧକାଳୀନ ଭିତ୍ତିରେ କଳା ଓ ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ଗୁମ୍ଫାଗୁଡ଼ିକର ସଂରକ୍ଷଣ ଆବଶ୍ୟକ ହେଉଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଅନୁଭବ କରୁଛି । ଏଥିପାଇଁ ଏଏସ୍‌ଆଇ ସର୍ଭେ ଆରମ୍ଭ କରିବାକୁ ଯାଉଛି । ସର୍ଭେ କରି ପ୍ରଥମେ ଗୁମ୍ଫାଗୁଡ଼ିକୁ ଚିହ୍ନଟ କରାଯିବା ସହ ଶିଳାର ମାନ ଓ ସାମ୍ପ୍ରତିକ ସ୍ଥିତି ଯାଞ୍ଚ କରାଯିବ । ତେବେ କେଉଁ ଗୁମ୍ଫାଗୁଡ଼ିକ ସଂରକ୍ଷଣ ସ୍ମାରକ ଭାବେ ସାମିଲ ହେବ ସେନେଇ ଏକ ବିସ୍ତୃତ ରିପୋର୍ଟ ଉଚ୍ଚସ୍ତରୀୟ ଅଧିକାରୀଙ୍କ

## ଏଏସ୍‌ଆଇ ତାଲିକାରେ ୧୪୦ ଐତିହ୍ୟ ଗୁମ୍ଫା

ନିକଟରେ ଭୁବନେଶ୍ୱର ସର୍କଲ ପକ୍ଷରୁ ଦାଖଲ ହେବ ବୋଲି ସୂଚନା ମିଳିଛି ।

ଅନ୍ୟପକ୍ଷରେ ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି ଯେ ଏଏସ୍‌ଆଇ ଯେଉଁ ଙ୍ଗରେ ସଂରକ୍ଷଣ କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ । କୌଣସି କୀର୍ତ୍ତିରାଜି କେବଳ ଏଏସ୍‌ଆଇ ମାନ୍ୟତା ପାଇଗଲେ ତାହାର ପୁନରୁଦ୍ଧାର କିମ୍ବା ରକ୍ଷଣାବେକ୍ଷଣ ହୋଇଯିବ ନାହିଁ । ଏଏସ୍‌ଆଇ ସଂରକ୍ଷଣର ମାନ ବଢ଼ାଇବା ଦରକାର । ସଂରକ୍ଷଣ ପ୍ରକ୍ରିୟାକୁ ସୁଦୃଢ଼ କରିବା ଦରକାର । ଅନେକ ଏଏସ୍‌ଆଇ ସଂରକ୍ଷିତ ସ୍ମାରକ ଏଯାବତ୍ ସଠିକ ରୂପେ ସଂରକ୍ଷିତ ହୋଇପାରିନାହାଁନ୍ତି । ତେବେ ରାଜ୍ୟର ଐତିହ୍ୟସମ୍ପର୍ଣ୍ଣ ଗୁମ୍ଫାକୁ ସଂରକ୍ଷଣ କରିବା ଭଳି ନିଷ୍ପତ୍ତି ନିହାତି ପକ୍ଷେ ସ୍ୱାଗତଯୋଗ୍ୟ ।

**ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।**

## ଶିକ୍ଷା



# Correction of Errors

Wrong : Rajesh went to college by a motorcycle .
Right : Rajesh went to college on a motorcycle.('on' is used as article is used before the mode of travel)
Wrong : Neither you nor I are happy.
Right : Neither you nor I am happy.
Wrong : Hardly I have finished my lunch.
Right : Hardly have I finished my lunch.
Wrong : Are you noticing the manner the students spend their time during class hour?
Right : Do you notice the students spending their time during class hour?
Wrong : They were living here together some years ago.
Right : They lived here together some years ago.
Wrong : Have you read Message I sent?
Right : Have you read the message I sent?
Wrong : The competition shall be held today at 3pm in the auditorium.
Right : The competition shall be held in the auditorium at 3 pm today. (adverb of place, exact time, then general time)
Wrong : She has been suffering with anxiety.
Right : She has been suffering from anxiety.
Wrong : He bade her to join the orchestra.
Right : He bade her join the orchestra.(verb'bid' doesn't take to-infinitive)
Wrong : Russia was known as USSR.
Right : Russia was known as the USSR.

# ୧୫ରୁ ଆଦିବାସୀ ମେଳା

ଭୁବନେଶ୍ୱର: ଚଳିତବର୍ଷ ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହେବ 'ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୩' । ଫେବ୍ରୁଆରୀ ୧୫ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମେଳା ପୂର୍ବାହ୍ନ ଅପରାହ୍ନ ୩ଟାରୁ ରାତି ୯ଟା ୩୦ ଯାଏ ଚାଲିବ । ପ୍ରତିବର୍ଷ ଆଦିବାସୀ ମେଳା ଜାନୁଆରୀ ମାସ ୨୬ ତାରିଖରୁ ଆରମ୍ଭ ହୋଇ ୧୫ଦିନ ଅନୁଷ୍ଠିତ ହେଉଥିବା ବେଳେ ଏଥର ୧୦ଦିନ ଯାଏ ଚାଲିବ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଗବେଷଣା ଓ ତାଲିମ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛ । ମେଳାରେ ଏଥର ମେଳାରେ ଆଦିବାସୀ ଗ୍ରାମ ଦେଖିବାକୁ ମଳିବନି । କମ୍ ଜାଗା ରହିଥିବାରୁ ମେଳାରେ କେବଳ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀ, ଆଦିବାସୀ ହାଟ, ଆଦିବାସୀ କଳା ସାମଗ୍ରୀ, ଖାଦ୍ୟ ବଜାର ଆଦି ମୋଟ୍ ୧୦୦ଟି ଷ୍ଟଲ ରହିବ । ଯେଉଁଥିରେ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରାଯିବ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାସ କରୁଥିବା ୬୨ଶ୍ରେଣୀର ଆଦିବାସୀ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ପ୍ରତିବର୍ଷ ରାଜଧାନୀ ଭୁବନେଶ୍ୱରରେ 'ଆଦିବାସୀ ମେଳା' ଆୟୋଜନ କରାଯାଇଥାଏ ।

# ହୀରାକୁଦ ଜଳଭଣ୍ଡାରରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ପକ୍ଷୀ



ଅମ୍ୱାଭୋନା: ହୀରାକୁଦ ଡିଭିଜନ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେରେ ହୀରାକୁଦ ଜଳଭଣ୍ଡାରର ୧୫ ଟି ସେକ୍ଟରରେ ପକ୍ଷୀ ଗଣନା କରାଯାଇ ରିପୋର୍ଟ ପ୍ରକାଶ ପାଇଛି । ଛତିଶଗଡ ସୀମାନ୍ତବର୍ତ୍ତୀ ହୀରାକୁଦ ଜଳଭଣ୍ଡାରର ବିସ୍ତୃତ ୫୩୩ ବର୍ଗ କିଲୋମିଟର ଓ ପାୱାର ଚ୍ୟାନେଲ୍ର ୫.୭ ବର୍ଗ କିଲୋମିଟର ଅଞ୍ଚଳରେ ୩ଦିନ ଧରି ପକ୍ଷୀ ଗଣନା କରାଯାଇଥିଲା । ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲା ପଟରୁ ମଧ୍ୟରେ ୩୫ଟି ଡଙ୍ଗା ବନ ବିଭାଗ କର୍ମଚାରୀ ସହ ୭୦ ଜଣ ପକ୍ଷୀ ଗଣନାକାରୀ ବିଶେଷଜ୍ଞ ଏବଂ ୩୦ ଟିମ୍ ଗଠନ କରିଥିଲେ । ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ତିନି ଦିନ ଧରି ପକ୍ଷୀ ଗଣନା ଶେଷ ହୋଇଛି । ମୋଟ ୩ ଲକ୍ଷ ୧୬ ହଜାର ୬୭୬ ପକ୍ଷୀ ଆସିଥିବା ଗଣନାରୁ ଜଣାପଡିଛି । ଚଳିତ ବର୍ଷ ଆସିଥିବା ୧୦୮ ପ୍ରକାର ପକ୍ଷୀ ମଧ୍ୟରୁ ୧୦ ଟି ନୂତନ ପ୍ରଜାତିର ପକ୍ଷୀଙ୍କ ଆଗମନ ଏଥର ରେକର୍ଡ ସୃଷ୍ଟି କରିଛି । ଗତବର୍ଷ ଅପେକ୍ଷା ଚଳିତବର୍ଷ ୧ ଲକ୍ଷ ୮ହଜାର ୪୨ଅଧିକ ପକ୍ଷୀ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ସଂଖ୍ୟା ୬୬ ହଜାର ୬୧୨ ଅଟେ । ଏହାଛଡ଼ା ୪୪ ହଜାର ୮୨୦ ଟପଟେଡ୍ ଓ ୩୪ ହଜାର ୬୮୦ କମନ କୁଟ୍ ପକ୍ଷୀ ହୀରାକୁଦ ଜଳଭଣ୍ଡାରକୁ ଆସିଛନ୍ତି । ୧୫ଟି ସେକ୍ଟର ମଧ୍ୟରୁ ସେକ୍ଟର ୬ ଅନ୍ତର୍ଗତ ଓଡିଶା- ଛତିଶଗଡ ସୀମାନ୍ତରେ ସର୍ବାଧିକ ୬୬ ପ୍ରକାର ମୋଟ ୮୫ ହଜାର ୨୧୬ ଟି ପକ୍ଷୀ ଗଣନା କରାଯାଇଛି । ଦ୍ୱିତୀୟ ସ୍ଥାନରେ ସେକ୍ଟର ୫ ବରଗଡ ଜିଲ୍ଲା ଅମ୍ୱାଭୋନା ବ୍ଲକ୍ର ଗୋବିନ୍ଦପୁର ଅଞ୍ଚଳରେ ୬୫ ପ୍ରକାର ର ୭୨ ହଜାର ୨୭୫ ପକ୍ଷୀ ଓ ତୃତୀୟ ସ୍ଥାନରେ ସେକ୍ଟର ୭ ଝାରସୁଗୁଡା ଜିଲ୍ଲାର ଝାରପଡା ଅଞ୍ଚଳରେ ୪୮ ପ୍ରକାର ର ୪୦ ହଜାର ୩୭୨ ଟି ପକ୍ଷୀ ଆସିଥିବା ଜଣାପଡ଼ିଛି । ଅନୁକୂଳ ପରିବେଶ,ଉପଯୁକ୍ତ,ଜଳବାୟୁ ଓ ସୁରକ୍ଷା ଦୃଷ୍ଟିରୁ ହୀରାକୁଦ ଜଳଭଣ୍ଡାର ଅଞ୍ଚଳକୁ ଅଧିକ ସଂଖ୍ୟାରେ ବିଦେଶୀ ପକ୍ଷୀ ଆଗମନ ହୋଇଛି ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫଓ ଅଂଶୁ ପ୍ରଜ୍ଞା ଦାସ ପ୍ରକାଶ କରିଥିଲେ ।

# ଖାଇବାକୁ ନ ପାଇ ହଷ୍ଟେଲ୍ ଛାଡିଲେ ଛାତ୍ର

କୋରାପୁଟ: ସରକାର ଶିକ୍ଷାର ଉନ୍ନତି ନିମନ୍ତେ କୋଟି କୋଟି ଅର୍ଥ ବିନିଯୋଗ କରୁଛନ୍ତି । ସବୁ ସ୍କୁଲ୍ କାନ୍ଥରେ ଲେଖା ଅଛି ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ । ଏଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଅର୍ଥ ବିନିଯୋଗ ହେଉଛି କୋଟି କୋଟି ଟଙ୍କା। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଏକ ବିକଳ ଆଉ ଚିତ୍ର ସାମ୍ନାକୁ ଆସିଛି । କିନ୍ତୁ ପେଟ ପୁରା ଖାଦ୍ୟ ନ ମିଳିବାରୁ ଅସନ୍ତୋଷ ହୋଇ ଛାତ୍ରବାସ ଛାଡିଲେ ବୈପାରୀଗୁଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୪୦ ଛାତ୍ର । ବୈପାରିଗୁଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସରେ ଛାତ୍ରମାନେ ପେଟପୁରା ଖାଇବାକୁ ନପାଇ ହଷ୍ଟେଲ ଛାଡ଼ି ଚାଲିଯାଇ ଥିବା ଘଟଣା ଏବେ ବୈପାରୀଗୁଡା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ହଷ୍ଟେଲରୁ ଚାଲିଚାଲି ଯାଉଥିବା ଅବସ୍ଥାରେ ଦେଖି ପାଖ ଗାଁର କିଛି ଲୋକ ସେମାନଙ୍କୁ ଖାଇବାକୁ ଦେଇଥିଲେ । ପରେ ସେହି ଛାତ୍ରମାନେ ନିଜ ନିଜ ଘରକୁ ଚାଲି ଯାଇଛନ୍ତି । ଏହା ପୂର୍ବରୁ ବୈପାରୀଗୁଡା ଅଞ୍ଚଳରେ ପିଲାଙ୍କୁ ଖାଦ୍ୟ ଠିକ ସେ ନ ମିଳିବା ଘଟଣା ବହୁବାର ଘଟିଛି କିନ୍ତୁ ଦେଖିବାକୁ ବାକି ରହିଲା ଛାତ୍ରାବାସରେ ପେଟପୁରା ଖାଦ୍ୟ ନ ମିଳିବା ବିଷୟକୁ ଶିକ୍ଷା ବିଭାଗ କେତେ ଗୁରୁତ୍ୱର ତଦନ୍ତ କରୁଛି ନା ଏହି ଘଟଣାକୁ ଅଣଦେଖା କରୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆବାସ ହିତାଧିକାରୀ...

କରିଛନ୍ତି । ୨୦୧୮-୧୯ ମସିହାରେ ସେମାନେ ଆବାସ ପାଇବା ପାଇଁ ଯୋଗ୍ୟ ବୋଲି ୱେଟିଂ ତାଲିକାରେ ନାଁ ଥିଲା । ହେଲେ ଏବେ ପ୍ରକାଶ ପାଇଥିବା ଲିଷ୍ଟରେ ତାଙ୍କ ନାଁ ନାହିଁ । ଯାହାକୁ ନେଇ ସେମାନେ ଚକିତ । ତାଲିକାରୁ ସେମାନଙ୍କ ନାଁ କଟିଲା କେମିତି ଓ ଆଉ କାଟିଲା କିଏ, ତାକୁ ନେଇ ସେ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି ।

ପିଏମ୍ ଆବାସ ଯୋଜନାରେ ଯୋଗ୍ୟ ଲୋକଙ୍କୁ ଘର ମିଳୁନଥିବାରୁ ଆନ୍ଦୋଳନ ପାଇଁ ସଜବାଜ ହେଉଛି ବିଜେପି । ପଞ୍ଚାୟତ, ବ୍ଲକ୍ ଓ ପିଡି-ଡିଆରଡିଏ ଅଫିସ୍ ଅଚଳ କରିବାକୁ ନିଷ୍ପତ୍ତି ନେଇଛି ଦଳ । ଆସନ୍ତା ୨୨ ତାରିଖରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆନ୍ଦୋଳନର ରୂପରେଖ ପ୍ରସ୍ତୁତ ହେବ । ପଞ୍ଚାୟତ ସ୍ତରରୁ ଦୁର୍ନୀତି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଘେରିବ ଦଳ । ସେପଟେ କଂଗ୍ରେସ୍ ଅଭିଯୋଗ କରିଛି ଯାହାର ଘର ଅଛି, ତା ନାଁ ପୁଣି ଥରେ ବାହାରିଛି । ଯାହାର ଘର ନାହିଁ ତା ନାଁ ପ୍ରକାଶ ପାଇନାହିଁ । ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛି ଦଳ । ସେପଟେ ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ସ୍ୱଚ୍ଛତାର ସହ ଘର ବଣ୍ଟନ ପ୍ରକ୍ରିୟା ଚାଲିଛି । ପିଏମ୍ ଆବାସ ଚିଠା ତାଲିକାକୁ ନେଇ କୌଣସି ଆପତ୍ତି ଥିଲେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅଭିଯୋଗ କରାଯାଇପାରିବ । ତାପରେ ଗ୍ରାମସଭାରେ ହିତାଧିକାରୀଙ୍କ ତାଲିକା ଚୂଡାନ୍ତ ହେବ ।

### ଚିକ୍କଣିଆ ସେଓ...

ଫରେନ୍ସିକ୍ ଟିମ୍ ନିକଟରେ ପହଞ୍ଚିଥିଲା । ସେଗୁଡ଼ିକୁ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ, ପ୍ରାୟତଃ ସମସ୍ତ ନମୁନା ଉପରେ ଦିଆଯାଇଥିବା ମହମ ପ୍ରଲେପ ପେଟ୍ରୋଲିୟମଜାତ ଦ୍ରବ୍ୟରୁ ପ୍ରସ୍ତୁତ ହୋଇଛି । ତାହା ପୁଣି ଆବଶ୍ୟକତାଠାରୁ ଅଧିକ ମାତ୍ରାର । ଏଭଳି ସେଓକୁ ୨ ମାସରୁ ଅଧିକ ସମୟ ରଖିଲେ ମଧ୍ୟ ଚିକ୍କଣ ଅଂଶ ନଷ୍ଟ ହେଉନାହିଁ । ଲୋକେ ଏଭଳି ସେଓକୁ ଭଲ ମାନର ବୋଲି ଭାବି କିଣି ନେଉଛନ୍ତି । ଅନ୍ୟପକ୍ଷରେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଯାଞ୍ଚ ଅଧିକାରୀମାନେ ଧ୍ୟାନ ଦେଉନାହାନ୍ତି ।

ଅନ୍ୟପକ୍ଷରେ ଫଳ ଉପରେ ରାସାୟନିକ ମହମର କୋଟିଂ ଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଖାଦ୍ୟ ନିରାପତ୍ତା ଅଧିକାରୀ । ମାତ୍ର ବାସ୍ତବରେ ଏଭଳି ବିଷାକ୍ତ ଫଳର ମାନ ଯାଞ୍ଚ କରାଯାଉନାହିଁ ବୋଲି ସୂଚନା ଅଧିକାର କର୍ମୀ ବିଶ୍ୱଜିତ୍ ମିଶ୍ର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ମୁଖ୍ୟତଃ ରକ୍ଷା ଖାଦ୍ୟ ବିକ୍ରି କରୁଥିବା ଦୋକାନୀମାନଙ୍କ ଉପରେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନଜର ରହୁଛି । ଫଳ ଦୋକାନ ଉପରେ କେବେ ହେଲେ ଚଢ଼ ହେଉନାହିଁ । ଜନୈକ ଫଳ ହୋଲସେଲର୍ ପ୍ରକାଶ ପାଢ଼ଯୋଶୀ ଏହି ପ୍ରସଙ୍ଗରେ କହିଛନ୍ତି ଯେ, ମହମ ବ୍ୟବହାର ହୁଏ ଏକଥା ଜଣାଥିଲେ ମଧ୍ୟ ଏହା ବିଷାକ୍ତ ବୋଲି ଆମେ ଜାଣିନାହୁଁ । ଯେଉଁ ସେଓ ଅଧିକ ଦିନ ସତେଜ ରହିବ, ତାହାକୁ କିଣୁଛୁ । ଜୈବିକ ମହମ ଓ ରାସାୟନିକ ମହମ ଭିତରେ କ'ଣ ପ୍ରଭେଦ ତାହା ଆମକୁ ଜଣାନାହିଁ ବୋଲି ସେ କହିଛନ୍ତି । ସେହିଭଳି ମେଡିସିନ୍ ସ୍ପେଶାଲିଷ୍ଟ ଡାକ୍ତର ପ୍ରଣବ ପଟ୍ଟନାୟକ କହିଛନ୍ତି ଯେ, ସିଧାସଳଖ ଭାବେ ରାସାୟନିକ ମହମକୁ ଖାଦ୍ୟ ଭାବେ ଗ୍ରହଣ କଲେ ପାଚନ ସମେତ ହୃଦରୋଗଜନିତ ସମସ୍ୟା ବଢ଼ିବ । ତେଣୁ ଲୋକେ ଫଳ କିଣି ଆଣିବା ପରେ ଖାଇବା ପୂର୍ବରୁ ତାହାକୁ କିଛି ସମୟ ଗରମ ପାଣିରେ ବୁଡ଼ାଇ ରଖନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

### ସିଜରିଆନ୍ ଡେଲିଭରିରେ...

ସୁବିଧା କ୍ଷେତ୍ରରେ ଏହା ୧୪.୭୭ ପ୍ରତିଶତରୁ ୧୬.୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ରିପୋର୍ଟ ଅନୁସାରେ ଆସାମ, ବିହାର, ଗୁଜୁରାଟ, ତେଲେଙ୍ଗାନା ଏବଂ ଉତ୍ତରପ୍ରଦେଶ ସମେତ ଅନେକ ରାଜ୍ୟରେ ଘରୋଇ ଡାକ୍ତରଖାନାଗୁଡ଼ିକରେ ସି-ବିଭାଗ ଅର୍ଥାତ୍ ସିଜରିଆନ୍ ଡେଲିଭରି ହାର ହ୍ରାସ ପାଇଥିବାବେଳେ ଓଡିଶା ଓ ସିକିମ୍ରେ ଏହି ହାର ଅଧିକ ରହିଛି । ଉତ୍ତର-ପୂର୍ବ ରାଜ୍ୟଗୁଡିକର ବେସରକାରୀ ଡାକ୍ତରଖାନାଗୁଡ଼ିକରେ ପ୍ରାୟ ୧୬ ପ୍ରତିଶତ ସି-ବିଭାଗ ପ୍ରସବ ହୋଇ ଥିବାବେଳେ ୭ ପ୍ରତିଶତ ପବ୍ଲିକ୍ ଫାସିଲିଟି ମିଳିପାରିଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(NFHS-୫) ଅନୁଯାୟୀ, ଓଡିଶାର ଘରୋଇ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକରେ ସି-ବିଭାଗର ହାର ୨୦୧୫-୧୬ ରେ ୫୩.୭ ପ୍ରତିଶତରୁ ୨୦୧୯-୨୧ ରେ ୭୦.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ସମସ୍ତ ବଡ ରାଜ୍ୟ ମଧ୍ୟରେ ସର୍ବାଧିକ ଥିଲା । ପାଞ୍ଚ ବର୍ଷ ମଧ୍ୟରେ ସରକାରୀ ଡାକ୍ତରଖାନା ଗୁଡ଼ିକରେ ସର୍ଜିକାଲ୍ ଡେଲିଭରି ହାର ୧୧.୫ ପ୍ରତିଶତରୁ ୧୫.୩ ପ୍ରତିଶତକୁ ବୃଦ୍ଧି ପାଇଛି । ଆଶ୍ଚର୍ଯ୍ୟର କଥା ହେଉଛି, ସହରାଞ୍ଚଳ ତୁଳନାରେ ରାଜ୍ୟର ଗ୍ରାମାଞ୍ଚଳର ଘରୋଇ ଡାକ୍ତରଖାନା ଗୁଡ଼ିକରେ ସି-ବିଭାଗ ପ୍ରସବ ସଂଖ୍ୟା ଅଧିକ ଥିଲା ।

ଗ୍ରାମାଞ୍ଚଳରେ ପ୍ରାୟ ୭୧.୫ ପ୍ରତିଶତ ସର୍ଜିକାଲ୍ ଜନ୍ମ ରେକର୍ଡ କରାଯାଇ ଥିବାବେଳେ ସହରାଞ୍ଚଳରେ ୬୮.୬ ପ୍ରତିଶତ ରେକର୍ଡ ହୋଇଛି । ମାତ୍ର ସହରାଞ୍ଚଳ ସରକାରୀ ଡାକ୍ତରଖାନାର ତଥ୍ୟ କିଛି ଅଲଗା ରହିଛି । ସହରାଞ୍ଚଳର ସରକାରୀ ଡାକ୍ତରଖାନାଗୁଡ଼ିକରେ ୨୨.୩ ପ୍ରତିଶତ ସି-ବିଭାଗ ପ୍ରସବ କରାଯାଇ ଥିବାବେଳେ ଗ୍ରାମୀଣ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୪.୨ ପ୍ରତିଶତ ସି-ବିଭାଗ ପ୍ରସବ କରାଯାଇଛି ।

# ଚିକିତ୍ସା ଅବହେଳାରୁ ନବଜାତକର ମୃତ୍ୟୁ

## ୧୫ ଦିନ ପରେ ଥାନାରେ ମାମଲା, ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ମୃତଦେହ ଜବତ



ଜମନକିରା: ଚିକିତ୍ସା ଅବହେଳାରୁ ନବଜାତ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଶିଶୁ କନ୍ୟାର ମୃତ୍ୟୁ ହେବାର ୧୫ ଦିନ ପରେ ଅତିରିକ୍ତ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ପୋଲିସ୍ ପୋତା ସ୍ଥଳରୁ ମୃତ ଶିଶୁ କନ୍ୟାର ଶବ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି । ସମ୍ବଲପୁର ଜିଲ୍ଲା ଜମନକିରାରେ ଘଟିଛି ଏଭଳି ଅଘଟଣ ।

ସୂଚନାଯୋଗ୍ୟ, ଗତ ୨୪ ତାରିଖ ଦିନ ସ୍ଥାନୀୟ ଡାକ୍ତରଖାନାରେ ଜମନକିରା- ଦଶଘରିଆ ପଡାର ଶିବାନନ୍ଦ ସାହୁଙ୍କ ସ୍ତ୍ରୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । ଚିକିତ୍ସାଧିକାରୀ ଡ. ସିଦ୍ଧାର୍ଥ ବେହେରା ନବଜାତକର ଚିକିତ୍ସା କରୁଥିବା ବେଳେ ୨୫ ତାରିଖ ଉଭୟ ମା 'ଏବଂ ନବଜାତକ ଶିଶୁ କନ୍ୟା ସୁସ୍ଥ ଅବସ୍ଥାରେ ଡାକ୍ତରଖାନାରୁ ଘରକୁ ଫେରିଥିଲେ । ମାତ୍ର ୨୭ ତାରିଖ ଦିନ ନବଜାତକ ଶିଶୁକନ୍ୟା ଅସୁସ୍ଥ ହେବାରୁ ତାକୁ ପୁଣି ଥରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ଡାକ୍ତର ନବ ଜାତକ ଶିଶୁ କନ୍ୟାକୁ ଥଣ୍ଡାଜ୍ୱର ହୋଇଥିବା କହି ଔଷଧ ଦେଇଥିଲେ । ଘରକୁ ଗଲାପରେ ଶିଶୁକନ୍ୟା ଗୁରୁତର ହେବାରୁ ତାକୁ ସମ୍ବଲପୁର ଡାକ୍ତଖାନାକୁ ନିଆଯାଇଥିଲା । ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ । ଦୀର୍ଘ ୧୫ ଦିନ ପରେ ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ନବ ଜାତକ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ନେଇ ଜମନକିରା ଥାନାରେ ପିତା ଶିବାନନ୍ଦ ସାହୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୋଲିସ ଶୁକ୍ରବାର ମାଜିଷ୍ଟ୍ରେଟ ଉପସ୍ଥିତିରେ ମାଟିତଳୁ ପୋତା ସ୍ଥଳରୁ ଶବ ବାହାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇଥିଲା । ହେଲେ ସିଦ୍ଧାର୍ଥ ବେହେରାଙ୍କୁ ପଚାରିବାରୁ ଚିକିତ୍ସାରେ କୌଣସି ଅବଅହେଳା କରାଯାଇ ନ ଥିବା ଡାକ୍ତର କହିଛନ୍ତି । ବରଂ ଡ଼ାକ୍ତରଖାନାରେ ସ୍ୱାସ୍ଥ୍ୟ ନିରୀକ୍ଷଣ ପାଇଁ ରଖାଯାଉଥିବା ବେଳେ କାହାକୁ କିଛି ନ ଜଣାଇ ତାଙ୍କ ଘରକୁ ଚାଲି ଯାଇଥିଲେ । ଯେଉଁଥିପାଇଁ ନବ ଜାତକ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯାଇଥିଲା ବୋଲି ଡ. ବେହେରା କହିଛନ୍ତି ।

# ବେଳାଭୂମିରେ ମାଳମାଳ ମଲା କଇଁଛ

ପୁରୀ: କୃଷ୍ଣପ୍ରସାଦ ସିଆଣ୍ଡି ସମୁଦ୍ର ବେଳାଭୂମିରେ ମାଳମାଳ ମଲାକଇଁଛ । ପୁରୀ ଏନୁଡି ଶାଳ ପାଲଟିଛି ଶବର ଗନ୍ତାଘର । ନୂଆପଡା ରେଞ୍ଜ ସିଆଣ୍ଡି ବେଳାଭୂମିରେ ପଡିଛି ମାଳମାଳ ମଲାକଇଁଛ । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ବୃଦ୍ଧି ପାଇବାରେ ଲାଗିଛି କଇଁଛ ମୃତ୍ୟୁ ସଂଖ୍ୟା । କଇଁଛ ସୁରକ୍ଷାରେ ବିଫଳ ବନବିଭାଗ,ସକ୍ରୀୟ ହୋଇ ଉଠିଛନ୍ତି ଟ୍ରଲର । ଅବୈଧ ଭାବରେ ସମୁଦ୍ର କୂଳରେ ମାଛ ମାରୁଛନ୍ତି ମାଳମାଳ ଟ୍ରଲର । ସବୁଦେଖି ଚୁପ୍ ବସିଛି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ବିଭାଗ । ଚଳିତ ବର୍ଷ କଇଁଚ ସୁରକ୍ଷା ପାଇଁ ତିନୋଟି ରେଞ୍ଜକୁ ମିଳିଛି ଗୋଟିଏ ଟ୍ରଲର । ପାଳି କରି ସାତପଡା, ନୂଆପଡା ଓ ରମ୍ଭା ରେଞ୍ଜର ଅଧିକାରୀ ନାଁକୁ ମାତ୍ର କରୁଛନ୍ତି ସମୁଦ୍ରରେ ପ୍ରାଟୋଲିଂ । ପ୍ରତିଦିନ ସମୁଦ୍ରରେ ଟ୍ରଲର ମାଛ ମାରୁଥିବା ବେଳେ ମାସକୁ ୨ ଥର ପ୍ରାଟୋଲିଂ କରୁଛି ବନବିଭାଗ ଟ୍ରଲର । ପ୍ରଶ୍ନ ଉଠୁଛି କଇଁଚଙ୍କୁ ସୁରକ୍ଷା ଦେବାକୁ ନିୟୋଜିତ ହୋଇଛି ଟ୍ରଲର, ନାଁ କଇଁଛକୁ ମୃତ୍ୟୁ ମୁହଁକୁ ଠେଲିବାକୁ? କଇଁଛ ସୁରକ୍ଷା ଦେଉପାରୁନି କି ବନବିଭାଗ?

# ବିଚିତ୍ର ପାଠ୍ୟକ୍ରମ

## ସୁନ୍ଦରୀ ହେବାର ଶିକ୍ଷା, ପତିପନ୍ୀ କୋର୍ସ



ପ୍ରତି ମୁହୂର୍ତ୍ତରେ ଶିକ୍ଷାର ଆବଶ୍ୟକତା ରହିଛି । ଜୀବନରେ ଶିକ୍ଷାର ମହତ୍ତ୍ୱ କ'ଣ ସେକଥା ଆଉ ବୁଝାଇ କହିବାର ଆବଶ୍ୟକତା ନାହିଁ, ଅନ୍ତତଃ ଆଜିର ତାରିଖରେ । ସାଧାରଣତଃ ଶିକ୍ଷା କହିଲେ ଆମେ ବୁଝୁ ଯେ, ମାଟ୍ରିକ୍, ଇଣ୍ଟରମିଡ଼ିଏଟ୍ ତା'ପରେ ସ୍ନାତକ, ସ୍ନାତକୋତ୍ତର ନ ହେଲେ ଅତି ବେଶିରେ ବୃତ୍ତିଗତ ବା ବ୍ୟବସାୟିକ ଶିକ୍ଷା ନିମନ୍ତେ ଡିପ୍ଲୋମା ଆଦି ପାଠ୍ୟକ୍ରମ । ଏହାକୁ ଦୃଷ୍ଟିରେ ରଖି ଆମର ଜାତୀୟ ପାଠ୍ୟ ଖସଡ଼ା ମଧ୍ୟ ପ୍ରସ୍ତୁତ ହୋଇଛି । ବାସ୍ତବରେ ଏତିକି ଯାଏ କ'ଣ ପାଠ ସୀମିତ? ଆଉ କ'ଣ କିଛି ପାଠ୍ୟକ୍ରମ ନାହିଁ? ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ, ଏହାକୁ ବାଦ୍‌ଦେଇ ମଧ୍ୟ ଅନେକ ପ୍ରକାରର ପାଠ୍ୟକ୍ରମ ରହିଛି, ଯାହାକୁ ଆମେ ଅଜବ ବା ନିଆରା ବୋଲି କହିପାରିବା । ଆଉ ବିଭିନ୍ନ ଦେଶରେ ମଧ୍ୟ ସେହି ସବୁ ପାଠ୍ୟକ୍ରମର ପ୍ରଚଳନ ମଧ୍ୟ କରାଯାଇଛି ।

➢ **ଭୂତ ବିଦ୍ୟା :** ଭୂତ ବିଦ୍ୟା କଥା କହିଲେ ସମସ୍ତେ ବୁଝିଯିବେ । ତେବେ ଯଦି କୁହାଯାଏ ଯେ, ଭୂତ ବିଦ୍ୟାକୁ ନେଇ ପାଠ୍ୟ ଖସଡ଼ା ରହିଛି । ଗଣିତ, ବିଜ୍ଞାନ, ସାହିତ୍ୟ ପରି ଭୂତ ପାଠମଧ୍ୟ ପଢ଼ାଯାଉଛି ତା'ହେଲେ ନିଶ୍ଚିତ ଭାବରେ ଯେ କେହି ବିସ୍ମିତ ହେବ । ମାତ୍ର ଏହା ହିଁ ସତ । ଉତ୍ତରପ୍ରଦେଶର ବାରାଣସୀସ୍ଥିତ କାଶୀଠାରେ ରହିଛି ହିନ୍ଦୀ ବିଶ୍ୱବିଦ୍ୟାଳୟ । ଏହି ବିଶ୍ୱବିଦ୍ୟାଳୟର ଏକ ପାଠ୍ୟକ୍ରମ ହେଉଛି ଭୂତ ବିଜ୍ଞାନ ବା ଯାହାକୁ ଇଂଲିଶରେ କୁହାଯାଉଛି Science of Paranormal. ଏହା ହେଉଛି ଏକ ୬ ମାସିଆ କୋର୍ସ । ଏଥିରେ ରହିଥିବା ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ ରହିଛି ମାନସିକ ବିକୃତି, ମାନିଆ, ଅନ୍ଧାର ପ୍ରତି ଭୟ ତଥା ଏସବୁର ଉପଚାର ଏବଂ ମନୋଚିକିତ୍ସା । ଅନ୍ୟ ପାଠ୍ୟକ୍ରମରେ ଯେପରି ବିଧିବଦ୍ଧ ପରୀକ୍ଷା ହୋଇଥାଏ ଏବଂ ସାର୍ଟିଫିକେଟ୍ ମିଳିଥାଏ ଏହି ଭୂତ ପାଠ୍ୟକ୍ରମରେ ମଧ୍ୟ ସେପରି ସାର୍ଟିଫିକେଟ୍ ପରୀକ୍ଷା ହୋଇଥାଏ ।

➢ **ପତିପନ୍ୀ କୋର୍ସ :** ସୁଖୀ ସଂସାରର ମୂଳ ହେଉଛନ୍ତି ପତି ପନ୍ୀ । ପତିପନ୍ୀଙ୍କ ମଧ୍ୟରେ ଯଦି ମଧୁର ଦାମ୍ପତ୍ୟ ପ୍ରେମ ରହିଥାଏ ତଥା ସେମାନେ ଭଲ ପତିପନ୍ୀ ହୋଇଥାନ୍ତି ତା'ହେଲେ ସେମାନଙ୍କଠାରୁ ଉତ୍ତମ ସନ୍ତାନମାନ ଜନ୍ମ ହୋଇ ଏ ପୃଥିବୀକୁ ବୈକୁଣ୍ଠରେ ରୂପାନ୍ତରିତ କରିଥାନ୍ତି । ତେବେ କେବଳ ବାହା ହୋଇଗଲେ କିମ୍ବା ସାଥିରେ ରହି ସନ୍ତାନ ଜନ୍ମ କରିଦେଲେ କେହି ପତି ପନ୍ୀ ହୋଇପାରନ୍ତି ନାହିଁ । ସେଥିପାଇଁ ଲୋଡ଼ା ତ୍ୟାଗ, ପ୍ରେମ ତଥା ତପସ୍ୟା । କେମିତି ଜଣେ ଭଲ ସ୍ୱାମୀ ହେବ ବା କେମିତି ଜଣେ ଭଲ ସ୍ତ୍ରୀ ହୋଇପାରିବ ସେଥିଲାଗି ମଧ୍ୟ ଏକ ପାଠ୍ୟକ୍ରମ ରହିଛି । ଏଭଳି ପାଠ ପଢ଼ାଯାଉଛି ଇଣ୍ଡୋନେସିଆର କେତେକ ୟୁନିଭର୍ସିଟିରେ । ଏହା ହେଉଛି ଏକ ତିନିମାସିଆ ପ୍ରି'ୱେଡିଂ କୋର୍ସ । ଅବିବାହିତ ପୁଅଝିଅଙ୍କୁ ଏହି ଶିକ୍ଷାରେ ପ୍ରାଥମିକତା ଦିଆଯାଇଥାଏ । ଏଥିରେ ପରସ୍ପର ପ୍ରତି କଥାବାର୍ତ୍ତା, ବ୍ୟବହାର, ପରସ୍ପରକୁ କେମିତି ବୁଝିବା, ଗୋଟିଏ ପରିବାରକୁ କେମିତି ମ୍ୟାନେଜ୍ କରିବା, ମନୋବିଜ୍ଞାନ, ସମାଜ ବିଜ୍ଞାନ, ପ୍ରେମ, ସହବାସ ତଥା ସନ୍ତାନଜନ୍ମ ଏବଂ ତାହାର ରକ୍ଷଣାବେକ୍ଷଣ ଆଦି ଶିକ୍ଷା ଦିଆଯାଇଥାଏ ଓ ତାହାର ସାର୍ଟିଫିକେଟ୍ ପରୀକ୍ଷା ମଧ୍ୟ ହୋଇଥାଏ ।






➢ **ସୁନ୍ଦରୀ ହେବାର ଶିକ୍ଷା:** ଏହା ମୁଖ୍ୟତଃ ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକ କୋର୍ସ । ସବୁ ମହିଳା ଚାହାନ୍ତି ସୁନ୍ଦରୀ ଦିଶିବାକୁ । ନିଜ ରୂପରେ ଅନ୍ୟକୁ ଆକର୍ଷିତ କରିବାକୁ । ତେବେ ସୁନ୍ଦରୀ ବନିବା ବି ଗୋଟେ କଳା । ନିଜର ବାହ୍ୟ ରୂପକୁ ଆକର୍ଷିତ କରିବା, ଅନ୍ତରୀଣ ବିଶ୍ୱାସ ବୃଦ୍ଧି କରିବା, ଅଙ୍ଗଭଙ୍ଗୀରେ ସୁଧାର ଆଣିବା, କଥା କହିବା ବେଳର ଆଚରଣରେ ଶୁଦ୍ଧତା ଆଦି ଏହି ପାଠ୍ୟକ୍ରମ ଅନ୍ତର୍ଭୁକ୍ତ । ଆମେରିକାର ଓବର୍ଲିନ୍ କଲେଜ୍‌ରେ ଏହି ପାଠକ୍ରମ ପ୍ରଚଳିତ । ବିଶ୍ୱ ସୁନ୍ଦରୀ ଆଦି ପ୍ରତିଯୋଗିତାରେ ଭାଗନେବାକୁ ଆଗ୍ରହୀ ଥିବା ଯୁବତୀମାନେ ଏଠାରେ ନାମ ଲେଖାଇଥାନ୍ତି ।

➢ **ପାଣି ଫୋଟକା ପାଠ୍ୟକ୍ରମ:** ଏହା ନିଶ୍ଚିତ ଭାବରେ ଓଠରେ ହସ ନେଇ ଆସିବ । ପାଣି ଫୋଟକାକୁ ନେଇ କ'ଣ ଗୋଟେ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇପାରେ? ବାସ୍ତବରେ ସେମିତି ବି ଏକ ପାଠ୍ୟକ୍ରମ ରହିଛି କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ । ଏହି ପାଠ୍ୟକ୍ରମର ନାମ ରହିଛି Cavitation and Bubble Dynamics. ମଜାର କଥା ହେଉଛି ସବୁ ଛାତ୍ରୀଛାତ୍ର ଏହାକୁ ପଢ଼ିପାରିବେ ନାହିଁ । କେବଳ ସାଇନ୍ସ ବା ବିଜ୍ଞାନରେ ଭଲ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ଏଥିରେ ଆଡମିଶନ୍ ମିଳିଥାଏ । କାରଣ ଏହା ହେଉଛି ଏକ ଫିଜିକ୍ସ ପାଠ୍ୟକ୍ରମ ।



➢ **ହ୍ୟାରି ପୋଟର୍ ଓ ଗେମ୍ ଅଫ୍ ଥ୍ରୋନ୍ସ :** ହ୍ୟାରିପୋଟର୍ ତଥା ଗେମ୍ ଅଫ୍ ଥ୍ରୋନ୍ସ ଫିଲ୍ମ ସବୁ ଅନେକଙ୍କର ପ୍ରିୟ । ଏହି ଦୁଇଟି ହେଉଛି ଫାଣ୍ଟାସୀ ଫିଲ୍ମ । କଲିକତାର ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଜୁରିଡିକାଲ୍ ସାଇନ୍ସେସ୍‌ରେ ଏହାକୁ ନେଇ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି । କିଭଳି ଫାଣ୍ଟାସୀ ତିଆରି କରାଯାଏ, ଏହାର ଲେଖକମାନେ କିଭଳି ଏସବୁକୁ ଲେଖିଲେ ସେସବୁ ରହିଛି ଏହି ପାଠ୍ୟକ୍ରମରେ ।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ- ଡ. ଜ୍ୟୋତିର୍ମୟ ପଟ୍ଟନାୟକ